ଗରିବଙ୍କ ଜୀବନରେଖା ନିଶ୍ଚିତ କର୍ମନିଯୁକ୍ତି ଗ୍ୟାରେଣ୍ଟି ଯୋଜନା

# ମନରେଗା ଦୁର୍ନୀତି ନେଇ ପଞ୍ଚାୟତରେ ଜନ ଅସନ୍ତୋଷ

**ଭବାନୀପାଟଣା, ୨।୭ (ସମିସ)**

ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ମେଦିନୀପୁର ପଞ୍ଚାୟତରେ ମନରେଗା ଦୁର୍ନୀତିକୁ ନେଇ ପ୍ରବଳ ଜନ ଅସନ୍ତୋଷ ଦେଖା ଦେଇଛି। ଦୀର୍ଘଦିନ ଧରି ମନରେଗା ଯୋଜନାରେ ଜିଆରଏସ କୌଶଳକ୍ରମେ ଦୁର୍ନୀତି ଚଲାଇଥିଲେ ମଧ୍ୟ କେହି ଗନ୍ଧ ବାରିପାରୁ ନ ଥିଲେ। କାମ କରିବ ଜଣେ ହେଲେ ଟଙ୍କା ଅନ୍ୟର ଆକାଉଣ୍ଟରେ ପଡୁଥିବା ଭଳି ସଙ୍ଗୀନ ଅଭିଯୋଗ କୁସୁମଶୀଳା ୱାର୍ଡରୁ ଧରାପଡ଼ିଛି। ତଥ୍ୟ ଜାଲିଆତି କରି ବିଭିନ୍ନ ଆକାଉଣ୍ଟକୁ ଯାଇଛି ଲକ୍ଷାଧିକ ଟଙ୍କା। ଅଞ୍ଚଳବାସୀ ଉତକ୍ଷିପ୍ତ ହୋଇ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ଶ୍ରମିକଙ୍କ ହାତକୁ ୧୦୦ ଦିନର କାମ ଯୋଗାଇବା ଏବଂ ଆତ୍ମନିର୍ଭରଶୀଳ ହେବା ପାଇଁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଶୁଭାରମ୍ଭ ହୋଇଥିଲା। ଆଶା ଥିଲା ଯୋଜନା ଯୋଗୁଁ ଲୋକେ ଦୁଇ ପଇସା ରୋଜଗାର କରିବେ ଓ ସମ୍ବଳ ବୃଦ୍ଧି ହେଲେ ନିଜ ପରିବାର ପ୍ରତିପୋଷଣ କରିବେ। କିନ୍ତୁ କିଛି ଲାଭଖୋର ସରକାରୀ ବାବୁଙ୍କ ପାଇଁ ଯୋଜନାର ସଠିକ୍ ରୂପାୟନକୁ ନେଇ ସମସ୍ୟାର ଫର୍ଦ୍ଦ ଯୋଡ଼ି ହେବାରେ ଲାଗିଛି। ଅଭିଯୋଗ ମୁତାବକ ମନରେଗା ଯୋଜନାରେ ଜାଲିଆତି କରି ଲକ୍ଷାଧିକ ଟଙ୍କା ହଡ଼ପ କରାଯାଉଛି। କଳାହାଣ୍ଡି ଜିଲ୍ଲା ସଦର ମହକୁମା ଭବାନୀପାଟଣା ସହର ଉପକଣ୍ଠରେ ଥିବା ମେଦିନୀପୁର ପଞ୍ଚାୟତରେ ହୋଇଛି ମନରେଗା ଦୁର୍ନୀତି। ଯାହାର ତଥ୍ୟ ସାମ୍ନାକୁ ଆଣିଛନ୍ତି ସ୍ଥାନୀୟ ନିର୍ବାଚିତ ଜନ ପ୍ରତିନିଧି। ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରରେ ସ୍ଥାନୀୟ ପଞ୍ଚାୟତର କୁସୁମଶିଳା ଗାଁର ବ୍ୟବସାୟୀ ବିକ୍ରମ ନାଏକଙ୍କ ନାଁରେ ଫେକ୍ ଆଇଡି ପ୍ରସ୍ତୁତ କରିବା ସହ ଜବ କାର୍ଡ ପ୍ରସ୍ତୁତ କରି ୨୦୧୯-୨୦ ଆର୍ଥିକ ବର୍ଷରେ ପ୍ରାୟ ୧୯ ହଜାର ୬୧୨ ଟଙ୍କା ତାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇଥିବା ବେଳେ ସେହି ଭଳି ନିରାକାର



- ଜିଆର୍ଏସ୍‌ଙ୍କୁ ଅପସାରଣ
- ବଦଳିଛି ମୋ ରୋଜଗାର, ମୋ ଅଧିକାର ସଂଜ୍ଞା

ନାଏକଙ୍କ ନାଁରେ ମଧ୍ୟ ସମାନ ଭାବରେ ୩୮ ହଜାର ୮୩୬ ଟଙ୍କା ଆକାଉଣ୍ଟକୁ ଟ୍ରାନ୍ସଫର କରିଛନ୍ତି। ଏଭଳି ଭାବରେ ସ୍ଥାନୀୟ ଅନ୍ୟଜଣେ ବ୍ୟକ୍ତି ପ୍ରକାଶ ଚନ୍ଦ୍ର ମହାନନ୍ଦଙ୍କ ଆକାଉଣ୍ଟରେ ମଧ୍ୟ ୨୦୨୨-୨୩ ଆର୍ଥିକ ବର୍ଷରେ ଜଙ୍ଗଲ ନିକଟରେ ଟ୍ରେଞ୍ଚ କାମ ହୋଇଥିବା ଦର୍ଶାଇ ପ୍ରାୟ ୭୮ ହଜାର ୬୫୦ ଟଙ୍କା ତାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇଥିବା ସରକାରୀ ନଥିପତ୍ରରେ ଉଲ୍ଲେଖ ରହିଛି। ଏହି ଦୁର୍ନୀତିରେ ମହାକାର୍ପଟଦାର ରୂପେ ସ୍ଥାନୀୟ ଜିଆରଏସ ଦେବେନ୍ଦ୍ର ସାହୁ ଜାଲିଆତି କରି ଅର୍ଥ ଆତ୍ମସାତ କରିଥିବା ନେଇ ସ୍ଥାନୀୟ ଜନ ପ୍ରତିନିଧି ଅଭିଯୋଗ ଆଣିଛନ୍ତି। ସେମାନେ କହିଛନ୍ତି ଯେ ଏହା କେବଳ ଭାତ ହାଣ୍ଡିରୁ ଗୋଟିଏ। ତଦନ୍ତ ପରେ ସବୁ ସତ ପଦାକୁ ଆସିବ। ଯୋଜନାରେ ଜଣେ କାମ କରୁଥିବାବେଳେ ଅନ୍ୟର ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ପଡୁଥିବାଭଳି ଗୁରୁତର ଅଭିଯୋଗ ହୋଇଛି।

ଏହି ଘୋଟଲା ଯୋଗୁଁ ମନରେଗାରେ କାମ କରୁଥିବା ଶ୍ରମିକମାନେ ଦୀର୍ଘ ବର୍ଷ ହେଲା ନିଜ ପାରିଶ୍ରମିକ ପାଇବାରୁ ବଞ୍ଚିତ ହେଉଥିବା ବେଳେ ଅଞ୍ଚଳବାସୀ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇଥିଲେ। ଶେଷରେ ଉତକ୍ଷିପ୍ତ ଲୋକମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ତାଲା ପକାଇବା ପରେ ଖବର ପାଇ ଘଟଣାସ୍ଥଳରେ ଭବାନୀପାଟଣା ବିଡ଼ିଓ ପହଞ୍ଚିଥିଲେ। ଘଟଣା ସମ୍ପର୍କରେ ବିଡ଼ିଓ ଚନ୍ଦନ କୁମାର ଭୋଇଙ୍କୁ ପଚାରିବାରେ ସେ କହିଛନ୍ତି ସମ୍ପୃକ୍ତ ଜିଆରଏସଙ୍କୁ ଭବାନୀପାଟଣା ବ୍ଲକକୁ ନେଇ ଆସିଛୁ। ବର୍ତ୍ତମାନ ପଞ୍ଚାୟତରେ ତାଙ୍କର କୌଣସି ଦାୟିତ୍ୱ ଆଉ ନାହିଁ। କିନ୍ତୁ ଯେତେ ସବୁ ଅଭିଯୋଗ ହୋଇଛି ତାହା ହେଲା ମନରେଗା ଯୋଜନାରେ କାମ କରୁଥିବା ଲୋକର ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ନପଡ଼ି ଅନ୍ୟ ଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରାଯାଉଛି। ସମସ୍ତ ଅଭିଯୋଗ ଉପରେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଲେ ପରବର୍ତ୍ତୀ ସମୟରେ ସବୁ ବିଷୟ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ବିଡ଼ିଓ କହିଛନ୍ତି।

## ରେଙ୍ଗାଲିରେ ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି

**ଖପ୍ରାଖୋଲ, ୨।୭ (ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ରେଙ୍ଗାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସ୍ଥାନୀୟ ସରପଞ୍ଚ ଉମାକାନ୍ତ ମେହେର ଅଧ୍ୟକ୍ଷତା କରିଥିବା ବେଳେ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ଏପିଓ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ। ଆବାସ ଓ ଭତ୍ତା ଭଳି ଶତାଧିକ ଅଭିଯୋଗ ହୋଇଥିଲା। ଏହି ଅବସରରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାର, ଯୋଗାଣ ଅଧିକାରୀ ବିକାଶ ?ାର୍ଲା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ, ସିଡିପିଓ ସୁଜାତା ଦୋରା, ବ୍ଲକ ସହ ଶିକ୍ଷା ଅଧିକାରୀ ମିନିକେତନ ବରିହା ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ନିଖୋଜ ଛାତ୍ର ଉଦ୍ଧାର

## ସ୍କୁଲ ପାଚେରି ଡେଇଁ ଫେରାର ହୋଇଯାଇଥିଲା

**ବୌଦ୍ଧ, ୨।୭ (ସମିସ):** ବୌଦ୍ଧ ସହରର ବୁଟୁପାଲି ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ନିଖୋଜ ହୋଇଥିବା ଷଷ୍ଠଶ୍ରେଣୀ ଛାତ୍ରକୁ ଉଦ୍ଧାର କରାଯାଇଛି। ନିଖୋଜ ଛାତ୍ର ବୌଦ୍ଧ ବ୍ଲକ ବ୍ରାହ୍ମଣୀପାଲି ଗ୍ରାମର ରାକେଶ ପ୍ରଧାନ। ତାଙ୍କ ବାପା ନ ଥିବାରୁ ସେ ହରଭଙ୍ଗା ବ୍ଲକ ଅଧୀନ ବାଗବରସ୍ଥିତ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଆଶ୍ରମ ବିଦ୍ୟାଳୟ ହଷ୍ଟେଲରେ ରହୁଥିଲେ। ମଧ୍ୟାହ୍ନଭୋଜନ ପରେ ଛାତ୍ର ଜଣକ ସ୍କୁଲରୁ କୁଆଡ଼େ ପଳେଇ ଥିଲେ। ଉକ୍ତ ଆଶ୍ରମର ୭ ଜଣ ଛାତ୍ର ଏହି ବିଦ୍ୟାଳୟରେ ପଢୁଥିବାବେଳେ, ସ୍କୁଲ ଛୁଟି ସମୟରେ ଆଶ୍ରମରୁ ଛାତ୍ରମାନଙ୍କୁ ନେବାକୁ ଆସିଥିବା କର୍ମଚାରୀ ରାକେଶକୁ ପାଇ ନ ଥିଲେ। ବହୁ ଖୋଜାଖୋଜି କରିବାପରେ ମଧ୍ୟ ଛାତ୍ରର କୌଣସି ପତ୍ତା ନ ମିଳିବାରୁ ଆଶ୍ରମ ସମ୍ପାଦକ ସମ୍ପୃକ୍ତ ଛାତ୍ରର ଗାଁ କୁ ଯାଇଥିଲେ। ସେଠାରେ ଛାତ୍ର ଜଣକ ତା ନିଜ ଘରେ ମା ସହିତ ଥିବା ସନ୍ଧାନ ପାଇଥିଲେ। ଛାତ୍ର ପଚରାଉଚୁରା କରାଯିବା ପରେ ସେ ସ୍କୁଲ ପାଚେରି ଡେଇଁ ବିଭିନ୍ନ ଲୋକଙ୍କ ସହାୟତାରେ ବିଦ୍ୟାଳୟଠାରୁ ୨୫ କିଲୋମିଟର ଦୂର ନିଜ ଗାଁରେ ପହଞ୍ଚିଥିଲା ବୋଲି କହିଥିଲା। ଛାତ୍ର ଜଣକ କାହିଁକି ସ୍କୁଲରୁ ପାଚେରି ଡେଇଁ ଫେରାର ହୋଇଥିଲା ତାର କାରଣ ଜଣାପଡ଼ିନାହିଁ।



## ସ୍ୱତନ୍ତ୍ର କ୍ରିକେଟ୍ ପ୍ରଶିକ୍ଷଣ ଶିବିର

**ସୋନପୁର, ୨।୭ (ସମିସ):** ସୁବର୍ଣ୍ଣପୁରରୁ ସୃଷ୍ଟିହେବେ ଜାତୀୟସ୍ତରର କ୍ରିକେଟ ଖେଳାଳି। ଏନେଇ ପ୍ରଚେଷ୍ଟା ଆରମ୍ଭ କରିଛି ସୋନପୁର ଜିଲ୍ଲା କ୍ରିକେଟ୍ ସଂଘ। ସୁବର୍ଣ୍ଣପୁର ଗାନ୍ଧୀ ପଡ଼ିଆରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଦୁଇଦିନ ଧରି ହେବାକୁ ଥିବା ଏହି ଶିବିରରେ ପ୍ରଶିକ୍ଷଣ ଦେବା ପାଇଁ ଆସିଛନ୍ତି ଓଡ଼ିଶା କ୍ରିକେଟ ଆସୋସିଏସନର ଟେକନିକାଲ ଡାଇରେକ୍ଟର ଭି ଭେଙ୍କଟରମଣଙ୍କ ସହ ୪ ଜଣିଆ ଟିମ। ଜିଲ୍ଲା କ୍ରିକେଟ ସଂଘ ଏବଂ ଓଡ଼ିଶା କ୍ରିକେଟ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଏହି ଶିବିରରେ ସାରା ସୁବର୍ଣ୍ଣପୁର ଜିଲ୍ଲାର ୬ଟି ବ୍ଲକର ଶତାଧିକ ଖେଳାଳି ଭାଗ ନେଇ ପ୍ରଶିକ୍ଷଣ ନେଉଛନ୍ତି। ଆଗାମୀ ଦିନରେ ପ୍ରଶିକ୍ଷଣ ପାଇ ଖେଳାଳିମାନେ ରାଜ୍ୟ ଓ ଦେଶ ପାଇଁ ଖେଳିବେ ବୋଲି ଖେଳାଳିମାନେ ଆଶା ରଖିଛନ୍ତି। ଅପରପକ୍ଷରେ ସୁବର୍ଣ୍ଣପୁର ଜିଲ୍ଲାର କ୍ରିକେଟ ପଡ଼ିଆ ଓ ପିଚ୍‌କୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏହି ଜିଲ୍ଲାରୁ ବହୁ ଖେଳାଳି ବାହାରିବେ ବୋଲି ଓଡ଼ିଶା କ୍ରିକେଟ ଆସୋସିଏସନର ଟେକନିକାଲ ଡାଇରେକ୍ଟର ସୂଚନା ଦେଇଛନ୍ତି। ପ୍ରଶିକ୍ଷଣ ସମୟରେ ଏସଡିସିଏ ସମ୍ପାଦକ ପ୍ରଦୀପ ସେଠୀ, କୋଚ୍ ରାଜେନ୍ଦ୍ର ମିଶ୍ର, ରଞ୍ଜେ ରୟ, ବି. ସତ୍ୟନାରାୟଣ ରାଓ, କମଳାକାନ୍ତ ସାହୁ, ବାବଲୁ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



## ବିଦ୍ୟାଳୟରେ ଖେଳ ଉପକରଣ ବଣ୍ଟନ



**ବୌଦ୍ଧ, ୨।୭ (ସମିସ):** ତୋଫାନପରୀ ଫାଉଣ୍ଡେସନ୍ ତରଫରୁ ସ୍ଥାନୀୟ ଚନ୍ଦ୍ରଚୂଡ ୟୁଜିଏମ୍‌ଇ ବିଦ୍ୟାଳୟ ଠାରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଖେଳ ଉପକରଣ ବଣ୍ଟନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ରୀଡ଼ା ପିଲା ମାନଙ୍କପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ ଅତିଥି ମାନେ ଆଲୋଚନା ହୋଇଥିଲା। ଖେଳ ଉପକରଣ ବଣ୍ଟନପରେ ପ୍ରତ୍ୟେକ ରବିବାର ତୋଫାନପରୀ ଫାଉଣ୍ଡେସନ ତରଫରୁ ଶିଶୁ ବିକାଶ କାର୍ଯ୍ୟକ୍ରମ ଆୟୋଜନ କରବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଭୂତିଭୂଷଣ ପାଢ଼ୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ତୋଫାନପରୀ ଫାଉଣ୍ଡେସନ୍ ସଭାପତି ବିଶ୍ୱଜିତ୍ ମିଶ୍ର, ସିଏ ସୁନ୍ଦର୍ ପ୍ରକାଶ ଅଗ୍ରୱାଲ, ତୋଫାନପରୀ ଫାଉଣ୍ଡେସନର ସାର୍ଥକ କୁମାର ମହାପାତ୍ର, ସ୍ମୃତିଶିଖା ବେହେରା, ଜ୍ଞାନପ୍ରକାଶ ପାଣିଗ୍ରହୀ, ଭୁବନ ନାଏକ ଏବଂ ଅନ୍ୟ ସଦସ୍ୟ ସଦସ୍ୟା ଉପସ୍ଥିତ ଥଲେ।

## ସୂଚନା ଓ ଲୋକସମ୍ପର୍କ ବିଭାଗ ଉପ-ନିର୍ଦ୍ଦେଶକଙ୍କ ବଲାଙ୍ଗିର ଗସ୍ତ

**ବଲାଙ୍ଗିର, ୨।୭ (ସମିସ):** ସୂଚନା ଓ ଲୋକସମ୍ପର୍କ ବିଭାଗ (ସମ୍ବଲପୁର) ଉପ-ନିର୍ଦ୍ଦେଶକ କଲ୍ୟାଣୀ ଦାଶ ଦିନିକିଆ ବଲାଙ୍ଗିର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାର ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ସୂଚନା କେନ୍ଦ୍ର ତଥା ପାଠାଗାର ନିରୀକ୍ଷଣ କରିଛନ୍ତି। ଏଥି ସହିତ ଜିଲ୍ଲା ସଦର ମହକୁମାରେ ଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ସମସ୍ତ କାର୍ଯ୍ୟ ପ୍ରକ୍ରିୟା ବିଷୟରେ ପଚାରି ବୁଝିବା ସହିତ କର୍ମଚାରୀଙ୍କ ସହ ଆଗାମୀ କାର୍ଯ୍ୟ ପ୍ରଣାଳୀକୁ ତ୍ୱରାନ୍ୱିତ କରିବା ପାଇଁ ଆଦେଶ ଦେଇଥିଲେ। ଉପନିର୍ଦ୍ଦେଶକ କଲ୍ୟାଣୀ ଦାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁଙ୍କ ସହିତ ସୂଚନା କେନ୍ଦ୍ର ତଥା ପାଠାଗାର ନିରୀକ୍ଷଣ କରିଥିଲା। କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ଚାଲିଥିବା ଅବଗତ ହୋଇ ଶ୍ରୀମତୀ ଦାଶ ଖୁସି ପ୍ରକାଶ କରି ଆହୁରି ଉନ୍ନତ ପ୍ରଣାଳୀରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ନିରୀକ୍ଷଣ କାର୍ଯ୍ୟ ସମୟରେ ଟିଟିଲାଗଡ଼ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ ଏବଂ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ଗନିଆ ଫାଣ୍ଡିରେ ନୂତନ ଅଧିକାରୀଙ୍କ ଯୋଗଦାନ

**ବିନିକା, ୨।୭ (ସମିସ):** ବିନିକା ଥାନା ଅଧୀନରେ ଥିବା ଗନିଆ ଫାଣ୍ଡିରେ ଆନନ୍ଦ କୁମାର ନାଏକ ନୂତନ ଫାଣ୍ଡି ଅଧିକାରୀ ଯୋଗ ଦେଇଛନ୍ତି। ସେ ପୂର୍ବରୁ ବିନିକା ଥାନାରେ କାର୍ଯ୍ୟରତ ଥିଲେ। ଏଠାରେ ଥିବା ଫାଣ୍ଡି ଅଧିକାରୀ ଅରକ୍ଷିତ ମାଝୀଙ୍କ ଏସ୍ଆଇ ପଦକୁ ପ୍ରମୋସନ ହେବାରୁ ସେ ଯାଜପୁର ଜିଲ୍ଲାକୁ ତାଲିମ ପାଇଁ ଯାଇଥିବା ଜଣାପଡ଼ିଛି।



## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ତୁଷୁରା, ୨।୭ (ସମିସ):** ଗୁଡଭେଲା ବ୍ଲକ ସରଗଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀଳମଣି ଭୋଇଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସରଗଡ଼ା ଗାଁ ପରିକ୍ରମା କରାଯାଇ ପ୍ରଧାନଶିକ୍ଷକଙ୍କୁ ସ୍ୱାଗତ କରାଯାଇଥିଲା। ପରେ ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। କମଲେନ୍ଦୁ ହୋତାଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା କାର୍ଯ୍ୟ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଗୁଡଭେଲା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସାମର୍ଥ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ସିଆରସିସି ପ୍ରହ୍ଲାଦ ଦଣ୍ଡସେନା ଯୋଗଦେଇଥିଲେ। ସନ୍ତୋଷ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ପରିଚୟ ପ୍ରଦାନ କରିଥିଲା ବେଳେ ସୁଧାଂଶୁ ପୁଟା ଧନ୍ୟବାଦ୍ ଅର୍ପଣ କରିଥିଲେ। କପସିଲା କ୍ଲଷ୍ଟର ତରଫରୁ ସମ୍ବର୍ଦ୍ଧନାପତ୍ର ସହ ଉପଢ଼ୌକନ ଏବଂ ସରଗଡ଼ାର ପୂର୍ବତନ ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା ଦେଇଥିଲେ। ଜିଲ୍ଲାରୁ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଶୁଭେଚ୍ଛୁମାନେ ଯୋଗଦେଇଥିଲେ।



## ଶିକ୍ଷକ କିଶୋର ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବଲାଙ୍ଗିର, ୨।୭ (ସମିସ):** ବଲାଙ୍ଗିର ରିନବଚନ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଗତ ମେ' ୩୧ ତାରିଖରେ ଅବସର ଗ୍ରହଣ କରିଥିଲେ କିଶୋର ମିଶ୍ର। ଆଜି ବିଦ୍ୟାଳୟରେ ସ୍କୁଲ ପରିଚାଳନା କମିଟି ଓ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ୨୦୧୨ ମସିହାରୁ ରିନବଚନ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ ସମ୍ପାଦନ କରୁଥିଲେ। ସ୍କୁଲର ଉନ୍ନତିକରଣ କାର୍ଯ୍ୟ ତଥା ପାଠପଢ଼ା କ୍ଷେତରେ ଅନେକ ପରିବର୍ତ୍ତନ ଆଣିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ମାଧବ ଦୀପଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ଉତ୍ସବରେ ଗାଁର ବରିଷ୍ଠ ନାଗରିକ ଭୀମସେନ୍ ପଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସିଆରସିସି ନିରାକାର ସାଏ, ବରିଷ୍ଠ ଶିକ୍ଷକ କୋମଳଲୋଚନ ସାହୁ ଯୋଗଦେଇ ମାନପାତ୍ର ଓ ଉପଢୌକନ ପ୍ରଦାନ କରି ତାଙ୍କୁ ସମ୍ମାନିତ କରିଥିଲେ। ସଭାରେ ରିନବଚନ ଲାଲ ବାହାଦୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିନୋଦ ଷଡଙ୍ଗୀ, ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନିହାରିକା ତ୍ରିପାଠୀ, ଶିକ୍ଷୟିତ୍ରୀ ଆକୃତି ପଣ୍ଡା, ରଶ୍ମିତା ସାହୁ, ବର୍ଷାରାଣୀ ନାୟକ, ବିଦ୍ୟୁତଲତା ମିଶ୍ର, ଶ୍ରୀକାନ୍ତ ସାହୁଙ୍କ ସମେତ ସ୍କୁଲ ପରିଚାଳନା କମିଟି କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଜନସଂଖ୍ୟା ନିୟନ୍ତ୍ରଣ ପକ୍ଷ ସଚେତନତା ରଥ

**ଡୁଙ୍ଗୁରିପାଲି, ୨।୭ (ସମିସ):** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଜନସଂଖ୍ୟା ନିୟନ୍ତ୍ରଣ ପକ୍ଷପାଳନ ଅବସରରେ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରର ଡା.ସରୋଜ କୁମାର ସେଠ୍ ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ। ଏହି ସଚେତନତା ରଥ ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ଗ୍ରାମରେ ପରିବାର ନିୟୋଜନର ବିଭିନ୍ନ ପଦ୍ଧତି ବିଷୟରେ ଲୋକଙ୍କୁ ସଚେତନ କରିବ। ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରର ଜନସାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶେଷଦେବ ଥନାପତି ସୂଚନା ଦେଇଛନ୍ତି ଯେ ଆସନ୍ତା ଜୁଲାଇ ୧୧ ରୁ ଜୁଲାଇ ୨୪ ପର୍ଯ୍ୟନ୍ତ ସାସ୍ଥ୍ୟଉପକେନ୍ଦ୍ର, ପ୍ରାଥମିକ ସାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରସ୍ତରରେ ବିଭିନ୍ନ ପରିବା ପରିବାର ନିୟୋଜନ ସେବା ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମକୁ ଜନସାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶେଷଦେବ ଥନାପତି ସଞ୍ଚାଳନ କରିଥିବାବେଳେ ସାସ୍ଥ୍ୟ ପରିଦର୍ଶକ ଦୁଖୀଶ୍ୟାମ ମହାଲିଙ୍ଗ, ବିପିଏମ୍ ନାରାୟଣ ମେହେର, ସ୍ୱାସ୍ଥ୍ୟକର୍ମୀ ପ୍ରଭାସ ପଧାନ, ଏସ୍‌ଟିଏସ୍ ସୌମ୍ୟରଞ୍ଜନ ମେହେର, ଏସ୍‌ଟିଏଲ୍ଏସ୍ କୁମୁଦ ବଲ୍ଲଭ ନାୟକ, ଉଗ୍ରସେନ ନାଗ, ନେତ୍ରାନନ୍ଦ ଗୁରୁ, ମୋତିଲାଲ ଖମାରୀ, ସୁଶାନ୍ତ, ଗୌତମ ଷାଣ୍ଡ ତଥା ଅନ୍ୟାନ୍ୟ ସାସ୍ଥ୍ୟ କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ।



ବନ ମହୋତ୍ସବ ସପ୍ତାହ ପାଳନ

## ବୃକ୍ଷରୋପଣ ସହ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ

**ବଲାଙ୍ଗିର, ୨।୭ (ସମିସ)**

ଜୁଲାଇ ୧ ତାରିଖରୁ ଆରମ୍ଭ ହୋଇଛି ବନ ମହୋତ୍ସବ ସପ୍ତାହ ପାଳନ। ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ପାଳନ କରାଯିବ। ଅତିଥି ଆସିବେ, ବୃକ୍ଷର ମହତ୍ତ୍ୱ ବୁଝାଇବେ, ବୃକ୍ଷରୋପଣ କରିବେ। ହେଲେ ବୃକ୍ଷରୋପଣ କେବଳ ବନ ମହୋତ୍ସବ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ସିମୀତ ହୋଇ ରହିଛି। ଗଛ ଲଗାଯାଉଛି କିନ୍ତୁ ତାର ଯତ୍ନ ନେବାକୁ କେହି ନାହାନ୍ତି। ଗତ ବର୍ଷ ଭଳି ଏଥର ମଧ୍ୟ ବନବିଭାଗ ଦ୍ୱାରା ଚାରା ପ୍ରସ୍ତୁତ କରାଯାଇ ବଣ୍ଟନ କରିବାର ଯୋଜନା ରହିଛି। ସଦର ରେଞ୍ଜ ଅଠିଧକାରୀ ନବୀନ ପଣ୍ଡାଙ୍କ କହିବା ଅନୁସାରେ ଚଳିତଥର ବନବିଭାଗ ୧ ଲକ୍ଷ ଚାରା ବଣ୍ଟନ କରିବାକୁ ଓ ୪ଲକ୍ଷରୁ ଊର୍ଦ୍ଧ୍ୱ ଚାରା ବଣ୍ଟନ କରିବାକୁ ଯୋଜନା କରିଛି। ଚାରା ପ୍ରସ୍ତୁତ କରି କଦଳୀମୁଣ୍ଡା ନର୍ସରୀରେ ରଖାଯାଇଛି। ସେହିଭଳି ହର୍ଡାଟାଲ ଫରେଷ୍ଟ ବିଟ୍‌କୁ ୨୫ ହଜାର ଓ କାଳିଝରନ୍ ଫରେଷ୍ଟ ବିଟକୁ ୧୫ ହଜାର ଚାରା ପ୍ରଦାନ କରାଯାଇଛି। ଅଁଳା, ବେଲ, ସାଗୁଆନ, ନିମ୍ବ, କରଞ୍ଜ, ଜାମୁ, ସୀତାଫଳ, ଶିଶୁ, ପଣସ, ଆମ୍ବ ଭଳି ବିଭିନ୍ନ ପ୍ରକାର ଗଛର ଚାରା ପ୍ରସ୍ତୁତ କରାଯାଇଛି। ଏହି ଚାରାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ୬ ମାସିଆ ଚାରା ଏବଂ ୧୮ ମାସିଆ ଚାରା। ପ୍ରତିଟି ୬ ମାସିଆ ଚାରା ଗଛ ପାଇଁ ୧୨ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ପ୍ରତିଟି ୧୮ ମାସିଆ ଚାରା ଗଛ ପାଇଁ ୩୭ ଟଙ୍କା ଖର୍ଚ୍ଚ ହେଉଛି। ଯେକୌଣସି ଅନୁଷ୍ଠାନ କିମ୍ବା ସଂଗଠନ ଚାରା ଗଛ ନେଲେ ବନବିଭାଗ ତରଫରୁ ମାଗଣାରେ ଚାରା ପ୍ରଦାନ କରାଯାଏ। ବ୍ୟକ୍ତିଗତ ଭାବରେ ନେଲେ ପ୍ରତିଟି ଚାରା ଗଛକୁ ୧ ଟଙ୍କାରେ ବିକ୍ରୀ କରାଯାଏ। ବର୍ଷା ଦିନେ ବିଭିନ୍ନ ଅନୁଷ୍ଠାନ ଓ ସଂଗଠନର କର୍ମକର୍ତ୍ତା ଶହଶହ ଚାରା ଗଛ ନେଇ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିଥାନ୍ତି। କିନ୍ତୁ ଯେଉଁ ସ୍ଥାନରେ ସେମାନେ ବଛ ଲଗାଇଥାନ୍ତି ପରବର୍ତ୍ତୀ ସମୟରେ ସେଠାରେ ଚାରା ନଥାଏ। କେବଳ ଅନୁଷ୍ଠାନ ଏବଂ ସଂଗଠନ କାହିଁକି ବନବିଭାଗ ଓ ଅନ୍ୟାନ୍ୟ ବିଭାଗ ତରଫରୁ ଅଧିକାରୀମାନେ କରିଥିବା ବୃକ୍ଷରୋପଣ ମଧ୍ୟ ପରବର୍ତ୍ତୀ ସମୟରେ ଉଭାନ ହେଉଛି। ବିଗତ ବର୍ଷ ୩ ଲକ୍ଷ ୬୦ ହଜାର ଚାରା ବଣ୍ଟନ କରାଯାଇଥିଲା। ସହରର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଗଲା। ଏବେ ସେହି ସ୍ଥାନରେ କେବଳ ବାଡ଼ା ଅଛି, ଗଛ ନାହିଁ। ଗତ ଦୁଇମାସ ତଳେ ବଲାଙ୍ଗିର ଜିଲ୍ଲାରେ ଖରାର ପ୍ରକୋପ କେମିତି ଥିଲା ତାହା ସମସ୍ତେ ଜାଣିଛନ୍ତି। ତାତିରୁ ତ୍ରାହି ପାଇବାକୁ ହେଲେ ଗଛ ହିଁ ଏକମାତ୍ର ବିକଳ୍ପ। ତେଣୁକରି ଗଛ ଲଗାଇବା ସହିତ ଗଛ ବଞ୍ଚାଇବାକୁ ପ୍ରୟାସ ଏଥର ବନ ମହୋତ୍ସବ ପାଳନର ଲକ୍ଷ୍ୟ ହେଉ।



## ହାଇୱା-ବାଇକ୍ ମୁହାଁମୁହିଁ ଧକ୍କା ବାଇକ୍ ଚାଳକ ମୃତ

**ରେଙ୍ଗାଲି, ୨।୭(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ ସାଲେପଡ଼ା - କତରବଗା ରାସ୍ତାରେ ଲାରିପାଲି ଛକ ନିକଟରେ ହାଇୱା ଓ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ



ଜଣେ ବାଇକ ଆରୋହୀ ମୃତ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ସୂଚନାଯୋଗ୍ୟ ମଙ୍ଗଳବାର ଦିନ ସନ୍ଧ୍ୟା ୫ଟା ସମୟରେ ଏକ ବାଇକ (ଓଡ଼ି ୧୫ ଟି ୧୭ ୬୫) ସମ୍ମୁଖରୁ ଆସିଥିବା ଏକ ହାଇୱା (ଓଡି ୨୩ ପି ୭୩୦୦) କୁ ଧକ୍କା ଦେଇଥିଲା ଫଳରେ ବାଇକ ଆରୋହୀ ଖିଣ୍ଡା ପଡ଼ାର କାନ୍ତ ମିର୍ଦ୍ଧାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ବୁର୍ଲା ଡ଼ାକ୍ତଖାନାରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ମାର୍କଫେଡ୍‌ର ମାର୍କେଟିଂ ବ୍ୟବସ୍ଥା, କ୍ଷତିରେ ସମବାୟ ସମିତି

**ସମ୍ବଲପୁର, ୨।୭(ସମିସ)**

ରାଜ୍ୟ ଓ କେନ୍ଦ୍ର ସରକାର ଚାଷୀଙ୍କ ପାଖରେ ସୁବିଧା ପହଞ୍ଚାଇବା ପାଇଁ ଚାଷୀଙ୍କୁ ନେଇ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଗଠନ କରିଛନ୍ତି। ପ୍ୟାକ୍ସ ଗୁଡିକ ସ୍ୱତନ୍ତ୍ର ପରିଚାଳନା ବୋର୍ଡ ରହିଛି। ସରକାରଙ୍କ ଅଧିକାରୀ ଦାୟିତ୍ୱରେ ରହନ୍ତି। ସରକାର ସମବାୟ ସମିତି ପାଇଁ କରିଥିବା ନିର୍ଦ୍ଧାରିତ ନୀତି ନିୟମ ପାଳନ କରାଯାଇଥାଏ। ଅନେକ ସମୟରେ ସମବାୟ ସମିତିକୁ ଆହୁରି ସୁଦୃଢ କରିବା ପାଇଁ ସରକାର ବିଭିନ୍ନ ଯୋଜନା

**ୟୁରିଆ ବସ୍ତାକୁ ୧୦, ଡିଏପି ୨୨ ଟଙ୍କା ଅଧିକ**

**ହାଇକୋର୍ଟର ଦ୍ୱାରସ୍ଥ ଜିଲ୍ଲାର ୨୩ ପାକ୍ସ**

କରିଛନ୍ତି। ଚାଷୀଙ୍କୁ ଋଣ ଦେବା ସହ ଧାନ କିଣା, କୃଷି ଯନ୍ତ୍ରପାତି ଓ ସାର କୀଟନାଶକ ବିକ୍ରି କରିବା, ଅଧିକ ସଂଖ୍ୟାରେ ସଭ୍ୟ ସଂଗ୍ରହ କରି ବ୍ୟବସାୟ ବୃଦ୍ଧି କରିବା ସହ ମାର୍କେଟ କମ୍ପ୍ଲେକ୍ସ, ପେଟ୍ରୋଲପମ୍ପ ଭଳି ରୋଜଗାର ଆୟ ମାଧ୍ୟମ କରିବାକୁ ପ୍ରୋତ୍ସାହନ ଦେଉଛନ୍ତି। ହେଲେ ଏବେ କିଛି ବର୍ଷ ସମବାୟ ସମିତି କ୍ଷତି ସହି ଚାଲିଛି। ମୁଖ୍ୟତଃ ସାର ଓ କୀଟନାଶକ ବିକ୍ରି କରିବାରେ ବଡ଼ ଧରଣର କ୍ଷତି ହେଉଛି। ମାର୍କଫେଡ ସମବାୟ ସମିତିକୁ ସାର ବିକ୍ରି କରିବା ବ୍ୟବସ୍ଥା ଯୋଗୁଁ ଏଭଳି ହୋଇଥିବା ସମବାୟ ସମିତି ସମୂହ ପକ୍ଷରୁ ଅଭିଯୋଗ ହୋଇଛି। ଏହାକୁ ନେଇ ଜିଲ୍ଲାର ୨୩ ଗୋଟି ସମବାୟ ସମିତି ଜିଲ୍ଲା ପ୍ରଶାସନ ପାଖରେ ଅଭିଯୋଗ



କରିଥିବା ବେଳେ ହାଇକୋର୍ଟର ମଧ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ କ୍ରମେ ଜିଲ୍ଲାରେ ସମବାୟ ସମିତି ଚାଷୀଙ୍କୁ ସାର ଓ କୀଟନାଶକ ଯୋଗାଇ ଦେଇ ଆସୁଛି। ଯାହାକୁ ମାର୍କଫେଡ ଯୋଗାଇ ଦେଇଆସୁଛି। ଏହା ସହ ହୋଲସେଲ ମାନ୍ୟତା ପାଇଥିବା ରେମେଡ, କର୍ଦ୍ଧଲା, କତରବଗା, କୁଲୁଣ୍ଡି, କେଶେଇବାହାଲ ସମବାୟ ସମିତି ମଧ ନିଜ ଅଞ୍ଚଳର ସମିତି ଗୁଡିକୁ ସାର ବିକ୍ରି କରୁଥିଲେ। ଏଥିରେ ହୋଲସେଲର ସମିତି ଓ ସାର କିଣୁଥିବା ସମିତି ଅଧିକ ଲାଭବାନ ହେଉଥିଲେ। ଏବେ ହୋଲସେଲ ସମବାୟ ସମିତି ଉପରେ କଟକଣା କରି ଦିଆଯାଉଛି। ମାର୍କଫେଡ ଅଧିକ ଦରରେ ସମବାୟ ସମିତିକୁ ସାର ଦେଉଛି। ଇଫକୋ କମ୍ପାନୀରୁ ୟୁରିୟା ସାର ମାର୍କଫେଡ ୨୪୯ ଟଙ୍କା ୫୦ ପଇସା ବିଲ କରୁଛି। ଯାହାକୁ ହୋଲସେଲ ସମବାୟ ସମିତି ଗୁଡିକ ମଧ ଏହି ଦରରେ କିଣୁଛନ୍ତି। ମାର୍କଫେଡ ବସ୍ତାକୁ ୨୬୫ ଟଙ୍କା ୫୦ ପଇସାରେ ଚଢ଼ାଦରରେ ବିକ୍ରି କରୁଥିବା ବେଳେ ହୋଲସେଲର ସମିତି ମାତ୍ର ୨୫୫ ଟଙ୍କାରେ ବିକ୍ରି କରୁଛନ୍ତି। ମାର୍କଫେଡ ଅଧିକ ୧୦ ଟଙ୍କା ବସ୍ତା ପିଛା ନେଉଥିବା ଅଭିଯୋଗ ହେଉଛି। ହଜାର ହଜାର ଟନ ସାର ବ୍ୟବସାୟ ହେଉଛି। ଜିଲ୍ଲାରେ ଥିବା ୪୦ରୁ ଅଧିକ ପ୍ୟାକ୍ସ ଓ ଲ୍ୟାମ୍ପ ସାର କିଣି କ୍ଷତି ସହୁଛନ୍ତି। ସା।ର ଦର ଅଧିକ ରହୁଥିବାରୁ ମାର୍କଫେଡ ଠାରୁ ୨୬୫ ଟଙ୍କା ୫୦ ଟଙ୍କାରେ କରୁଛନ୍ତି। ଏହା ସହ ସାର ଅନଲୋଡ ବାବଦକୁ ପ୍ରାୟ ୪ ଟଙ୍କା ୫୦ ପଇସା ବସ୍ତାକୁ ଲାଗୁଛି। ସେହିପରି ଡିଏପି ସାରରେ ମାର୍କଫେଡ ଓ ହୋଲସେଲ ସମବାୟ ସମିତି ୧୩୧୫ ଟଙ୍କାରେ କିଣୁଛନ୍ତି। ହୋଲସେଲ ସମବାୟ ସମିତି ଡିଏପି ସାରକୁ ୧୩୨୫ ଟଙ୍କା ସମବାୟ ସମିତକୁ ବିକ୍ରି କରୁଥିବା ବେଳେ ମାର୍କଫେଡ ୧୩୪୭ ଟଙ୍କା ବିକ୍ରି କରୁଛି। ପ୍ରତି ବସ୍ତା ପିଛା ୨୨ ଟଙ୍କା ଅଧିକ ଦର ନେଉଥିବା ସମିତିର ସଭ୍ୟମାନେ ଅଭିଯୋଗ କରୁଛନ୍ତି। ଏହାକୁ ନେଇ ହାଇକୋର୍ଟରେ ୨୦୨୩ ମସିହାରେ ହୋଇଥିବା ମାମଲା ବିଚାରାଧିନ ରହିଛି। ଏବେ ସରକାର ଏହି ମାମଲାରେ ହସ୍ତକ୍ଷେପ କରି ସମବାୟ ସମିତିର ଆର୍ଥିକ ବୋଝ ଦୂର କରିବାକୁ ଦାବି ହେଉଛି। ସମବାୟ ସମିତି ଚାଷୀଙ୍କୁ ନେଇ ଗଠିତ। ଯଦି ସମିତିର କ୍ଷତି ହେଉଛି ତାହା ହେଲେ ସିଧାସଳଖ ଚାଷୀଙ୍କ କ୍ଷତି। ତେଣୁ ଚାଷୀଙ୍କ ବୃହତ୍ତମ ସ୍ୱାର୍ଥ ଦୃଷ୍ଟିରୁ ପଦକ୍ଷେପ ନିଆଯାଉ। ପୂର୍ବରୁ ୨୦୨୨ ମସିହା ଡିସେମ୍ବର ୨୯ ତାରିଖ କୃଷି ଓ ଖାଦ୍ୟ ଉତ୍ପାଦକ ବିଭାଗ ପକ୍ଷରୁ କରାଯାଉଥିବା ଚିଠି ଉପରେ ପୁନଃ ବିଚାର କରାଯାଉ ବୋଲି ଦାବି ହେଉଛି।

## କୁଚିଣ୍ଡା ଲ୍ୟାମ୍ପ୍‌ର କାର୍ଯ୍ୟାଳୟ ଗୃହ ନିର୍ମାଣରେ ବିଳମ୍ବ; ଚାଷୀ ଅସନ୍ତୋଷ



**କୁଚିଣ୍ଡା, ୨।୭(ସମିସ):** କୁଚିଣ୍ଡା ଲ୍ୟାମ୍ପର କାର୍ଯ୍ୟାଳୟ ପାଇଁ ନୂତନ କୋଠଘର ତଥା ଶୌଚାଳୟ ନିର୍ମାଣ ପାଇଁ ଆବଶ୍ୟକ ଅର୍ଥ ଥାଇ ମଧ ଏହାର ନିର୍ମାଣରେ ଅହେତୁକ ବିଳମ୍ବ ହେଉଥିବାରୁ ଚାଷୀ ମାନଙ୍କ ମଧରେ ଘୋର ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟ ପକ୍ଷରେ କିଷାନ କ୍ରେଡିଟ କାର୍ଡ ନବୀକରଣ ଏବଂ ସାର ବଣ୍ଟନ ସମୟରେ ଚାଷୀ ମାନେ ଏଥିପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କୁଚିଣ୍ଡା ଲ୍ୟାମ୍ପଟି ଏକ ପୁରୁଣା କୋଠାଘରେ ଚାଲୁଥିଲା ତେବେ ସମୟ କ୍ରମେ ଏହି ଘରଟି ଦୁର୍ବଳ ହୋଇ ବିପଦପୂର୍ଣ୍ଣ ହୋଇ ପଡ଼ିବାରୁ ଲ୍ୟାମ୍ପ କାର୍ଯ୍ୟାଳୟ ପାଇଁ ଏକ ନୂତନ ଘର ନିର୍ମାଣ ହୋଇଥିଲା ମାତ୍ର ଏହା ଚାଷୀ ଏବଂ ଲ୍ୟାମ୍ପ କର୍ମଚାରୀଙ୍କ ସଂଖ୍ୟା ତୁଳନାରେ ନିହାତି ଛୋଟ ହୋଇ ଯାଇଥିଲା। ବିଶେଷ କରି ଏଥିରେ ଶୌଚାଳୟ ସୁବିଧା ନ ଥିବାରୁ ବିଭିନ୍ନ କାମରେ ଲ୍ୟାମ୍ପକୁ ଆସୁଥିବା ଚାଷୀ ଏବଂ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଏହାକୁ ଦୃଷ୍ଟିରେ ରଖି ଲ୍ୟାମ୍ପର ସାଧାରଣ ପରିଷଦ ବୈଠକରେ ଲ୍ୟାମ୍ପର ଆଉ ଏକ କୋଠଘର ଏବଂ ପୁରୁଷ ଓ ମହିଳାଙ୍କ ପାଇଁ ଦୁଇଟି ଶୌଚାଳୟ ନିର୍ମାଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ପ୍ରସ୍ତାବ ଅନୁସାରେ ଆବଶ୍ୟକ ଅର୍ଥ ମଧ ଲ୍ୟାମ୍ପ ନିକଟରେ ମହଜୁଦ ଅଛି ମାତ୍ର ଇତି ମଧରେ ପ୍ରାୟ ଏକ ବର୍ଷ ବିତି ଯାଇଥିଲେ ମଧ ନୂତନ ଗୃହ ନିର୍ମାଣ କରାଯାଉ ନାହିଁ, ଫଳରେ ଚାଷୀଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।ଅନ୍ୟ ପକ୍ଷରେ ବିଭିନ୍ନ କାମରେ ଲ୍ୟାମ୍ପକୁ ଆସୁଥିବା ଜନସାଧାରଣ ବିଶେଷ କରି ମହିଳା ମାନେ ଶୌଚାଳୟ ପାଇଁ କିମ୍ବା ବିଶ୍ରାମ ନେବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣେ ଲ୍ୟାମ୍ପର ପୁରୁଣା ଘରକୁ ଭାଙ୍ଗି ଦିଆ ଯାଇଥିବାରୁ ସେହି ସ୍ଥାନଟି ଅପରିଷ୍କାର ହୋଇ ପଡ଼ି ରହିଛି। ଏହାକୁ ସଫା କରିବା ପାଇଁ ବି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ତେବେ ଆବଶ୍ୟକ ଅର୍ଥ ଥାଇ ମଧ ଲ୍ୟାମ୍ପର କାର୍ଯ୍ୟାଳୟ ଗୃହ କାହିଁକି ନିର୍ମାଣ କରାଯାଉ ନାହିଁ ବୋଲି ଏମ. ଡି ସରୋଜ ସାହୁଙ୍କୁ ମତାମତ ପାଇଁ ଯୋଗାଯୋଗ କରିବାରୁ ସେ କହିଲେ ଯେ, ଏଥିପାଇଁ ସମବାୟ ବିଭାଗ ଏପର୍ଯ୍ୟନ୍ତ ଅନୁମୋଦନ ଦେଇ ନ ଥିବାରୁ ନୂତନ ଗୃହ ନିର୍ମାଣ ହୋଇପାରୁ ନାହିଁ। ସମବାୟ ବିଭାଗ ଠାରୁ ଅନୁମୋଦନ ଆସିଲେ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।

**ଜାଲିଆତି କରି ଜମି ବିକ୍ରି ଘଟଣା**

## ନକଲି ମାଲିକ ସହ ମଧ୍ୟସ୍ତି ଗିରଫ, ବଡ଼ ମାଛ କେବେ ?

**ସମ୍ବଲପୁର, ୨।୭(ସମିସ):** ସମ୍ବଲପୁର ଜିଲ୍ଲା ଯୁଯୁମୁରା ତହସିଲ ଜରାସିଙ୍ଗା ଗ୍ରାମର ପ୍ରଫୁଲ୍ଲ ରଣାଙ୍କ ଜମି ଜାଲିଆତି କାଗଜପତ୍ର, ଅଧାରକାର୍ଡ ତିଆରି କରି ବିକ୍ରି ହୋଇଯାଇଥିଲା। ପ୍ରାୟ ୧ ବର୍ଷ ପରେ ଯୁଯୁମୁରା ପୁଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଧନୁପାଲି ଥାନା ନକ୍ସାପାଲି ଗ୍ରାମର ସୁଧିର ବେହେରା ଓ



ଚାରମାଳ ଥାନା ଅଧିନ ମୁଗପାଲ ଗ୍ରାମର ଦିଗାମ୍ବର ମିର୍ଦ୍ଧା। ଅଭିଯୁକ୍ତ ପାଖରୁ ନକଲି ଆଧାର କାର୍ଡ, ଏକ କଳା ରଙ୍ଗର ବୁଲେଟ ଜବତ କରି କୋର୍ଟ ଚାଲାଣ କରାଯାଇଛି। ଏହା ସହିତ ଉକ୍ତ

**୧୦ ଲକ୍ଷ ଏଫଡି, ସୁନା ଗହଣା ଜବତ ପ୍ରକ୍ରିୟା ଆରମ୍ଭ**

ଅଭିଯୁକ୍ତ ଦ୍ୱୟଙ୍କ ଠାରୁ ଡିସିବି ବ୍ୟାଙ୍କ୍‌ରେ ଥିବା ୧୦ ଲକ୍ଷ ଟଙ୍କା ଏଫଡି ଓ ମୁଥୁଡ୍ ଫାଇନାନ୍ସରେ ଥିବା ସୁନା ଗହଣାକୁ ଫ୍ରିଜ କରିଛି ପୁଲିସ ବୋଲି ରେଢ଼ାଖୋଲ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସଡିପିଓ ପ୍ରଶାନ୍ତ ମେହେର ସୂଚନା ଦେଇଛନ୍ତି। ସେ ଆହୁରି କହିଥିଲେଯେ, ସମ୍ବଲପୁର ସ୍ଥିତ ମୁଦିପଡ଼ା ଅଞ୍ଚଳର ଜଗଦିସ ପଣ୍ଡାଙ୍କୁ ୫୦ ଲକ୍ଷ ୨୦ ହଜାର ଟଙ୍କାରେ ଜମି ବିକ୍ରି କରିଥିଲେ। ଅଗ୍ରୀମ ୨୨ ଲକ୍ଷ ୫୦ ହଜାର ଟଙ୍କା ନେଇଥିଲେ। ଏହି ଜମି ଜାଲିଆତି ବିଷୟରେ ଜାଣିବା ପରେ ଜାଗାଧିକାରି ପ୍ରଫୁଲ୍ଲ ରଣା ଜୁଜୁମୁରା ଥାନାରେ ଯାଇ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ଜୁଜୁମୁରା ପୋଲିସ କେସ ନଂ ୫୩/୨୩ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ହେଲେ ଏହି ଘଟଣାରେ ଅନ୍ୟ ଅଭିଯୁକ୍ତ ତଥା ବଡ ମାଛକୁ ପୁଲିସ ଛାଡି ଦେଇଥିବା ଅଭିଯୋଗ ହେଉଛି। ଘଟଣାରେ ଜଣେ ବସ ମାଲିକଙ୍କ ସମ୍ପୃକ୍ତି ରହିଛି। ସେହିପରି ସାକ୍ଷୀମାନଙ୍କୁ ମଧ ଜେରା କରି ଛାଡି ଦେଇଛି। ପୁଲିସର ଏଭଳି କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଜମି କେତ୍ରା କାହାକୁ କେତେ ଟଙ୍କା ଦେଇଛନ୍ତି ସବୁ ତଦନ୍ତ ପରେ ପଦାକୁ ଆସି ନାହିଁ। ସାକ୍ଷୀମାନେ କିଭଳି ଭାବେ ନକଲି ଜମି ମାଲିକଙ୍କୁ ଚିହ୍ନଟ କଲେ। ପ୍ରଫୁଲ୍ଲ ରଣା ବୋଲି କହିଥିଲେ। ଜମି କିଣାବିକାରେ ହସ୍ତାକ୍ଷର ଦେଲେ ବୋଲି ଏବେ ବଡ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। କାହା ସ୍ୱାର୍ଥ କଣ ପାଇଁ ଏକ ର୍‌ୟାକେଟ୍ ହୋଇ ଜଣେ ଆଦିବାସୀ ନିରିହଙ୍କ ଜମି ହଡପ କରିଦେଇଥିଲେ। ସରକାରୀ ସ୍ତରରେ ମଧ ସେଭଳି କିଛି ଯାଞ୍ଚ ହୋଇ ନଥିବା ଜଣାପଡ଼ିଛି। ନକଲି ମାଲିକଙ୍କ ଘରେ ବିକ୍ରିନାମା ହୋଇଥିଲା। ଯାଞ୍ଚ କରିବା ରେଜିଷ୍ଟାର ଓ ଅନ୍ୟ ଅଧିକାରୀଙ୍କ ମଧ ଦାୟିତ୍ୱ ରହିଥିଲା। ପ୍ରଫୁଲ୍ଲ ରଣାଙ୍କ ସାଢେ ୪ ଏକର ରୟତି ଜମିକୁ ପ୍ରାୟ ୧ ବର୍ଷ ପୂର୍ବରୁ ଜାଲିଆତି କରି ବିକ୍ରି କରି ଦିଆଯାଇଥିଲା। ଅସଲି ମାଲିକ ପ୍ରଫୁଲ୍ଲ ରଣା ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ କରିବାକୁ ଯିବା ପରେ ତାଙ୍କ ନାମରେ ଥିବା ଜମି ବିକ୍ରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ୨୦୨୨ ନଭେମ୍ବର ୨୨ରେ ୨୫ ହଜାର ଟଙ୍କା ଷ୍ଟାମ୍ପ ପେପରରେ ଜମି ରେଜିଷ୍ଟ୍ରି ହୋଇଥିଲା। କୟାକୁଦ ସମ୍ବଲପୁର ରେଜିଷ୍ଟ୍ରି ଅଫିସରେ ଜମି ମାଲିକ ପ୍ରଫୁଲ୍ଲ ରଣାଙ୍କ ସ୍ଥାନରେ ଅନ୍ୟଜଣଙ୍କ ଫଟୋ ଲଗାଇ ମୁଦିପଡ଼ାର ଜଗଦୀଶ ପଣ୍ଡାଙ୍କୁ ବିକ୍ରି କରିଥିଲେ। ଏଥିରେ କରୁଣା ରଣା, ମନସୁର ଅଲ୍ଲି ଖାନ ଦୁଇଜଣ ସାକ୍ଷୀଙ୍କ ନାମ ରହିଥିଲା।

## ନାକଟିଦେଉଳ କଲେଜରେ ଅଙ୍ଗଦାନ ସଚେତନତା କାର୍ଯ୍ୟକ୍ରମ

**ନାକଟିଦେଉଳ, ୨।୭(ସମିସ):** ନାକଟିଦେଉଳ ବ୍ଲକ ଅନ୍ତର୍ଗତ ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଙ୍ଗଦାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଅନୁଷ୍ଠାନର ୟୁଥ୍ ରେଡକ୍ରସ ଶାଖା ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ହେମାନନ୍ଦ ପ୍ରଧାନ ସଭାପତିତ୍ୱ କରିଥିଲେ। ନୂଆଦିଲ୍ଲୀସ୍ଥିତ ଭାରତୀ ଯୋଦ୍ଧା କ୍ଲବର ସଭାପତି ରୋଜାଲିନ ଦାଶ ଅଙ୍ଗଦାନର ମହତ୍ୱ ଓ



ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଏଇ ଅବସରରେ ୧୬୪ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଅଙ୍ଗଦାନ ସମ୍ପର୍କିତ ଏକ କ୍ୟୁଆର୍ କୋଡ ଲିପ୍ ଲେଟକୁ ଅନୁଷ୍ଠାନର ନୋଟିସ ବୋର୍ଡ ଏବଂ ପାଠାଗାରରେ ଲଗାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ବିନୀତା ମୁର୍ମୁ ଓ ଅରୁଣ ବିଶ୍ୱାଳ ପରିଚାଳନା କରିଥିବାବେଳେ ଅଧ୍ୟାପକ ଡଃ. ପ୍ରଶାନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଚିଣ୍ଡା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

**କୁଚିଣ୍ଡା, ୨।୭(ସମିସ) :** କୁଚିଣ୍ଡା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅବସରରେ ମହାବିଦ୍ୟାଳୟ ପ୍ରାଙ୍ଗଣରେ ବୃକ୍ଷରୋପଣ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ସୁଚିତ୍ରା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ହେମାସାଗର ଭୋଇ ଉପ ଜିଲ୍ଲାପାଳ, କୁଚିଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିଷ୍ଠା ଦିବସର ଗୁରୁତ୍ୱ ସମ୍ବନ୍ଧରେ ଉଦବୋଧନ ଦେଇଥିଲେ। ସଭାରେ ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡଃ. ସୁମନ୍ତ ପଟେଲ, ରାଜନୀତି ବିଭାଗ ମୁଖ୍ୟ ସୁଧାଂଶୁ ମହାପାତ୍ର, ସୁରଥ ନାୟକ, ପ୍ରଫୁଲ୍ଲ କୁମାର ସାହୁ, ପୂର୍ଣ୍ଣେନ୍ଦୁ ମହାନ୍ତି ପ୍ରମୁଖ ଯୋଗ ଦେଇ ମହାବିଦ୍ୟାଳୟର ଇତିହାସ ତଥା କୃତିତ୍ୱ ଅକ୍ଷୁର୍ଣ୍ଣ ରଖିବାକୁ ଉଦବୋଧନ ଦେବା ସହିତ ନିଜର ଅଭିଜ୍ଞତା ତଥା ପୁରାତନ ଛାତ୍ରଙ୍କ ସଫଳତା ବିଷୟରେ କହିଥିଲେ। ଅଧ୍ୟାପକ ପ୍ରମୋଦ ସ୍ୱାଇଁ, ସବ- ଲାଡିନାଣ୍ଟ ପ୍ରମୋଦ ରଞ୍ଜନ ଦାସ, ପ୍ରଭାସ ଦାସ, ରୋସନ୍ କୁଲ୍ଲୁ, ଦେବଦତ୍ତ ଭୋଇ, ଭିକାରୀ ଓରାମ, ଦିବ୍ୟ ନାଗ, ସାର୍ଥକ ମିଶ୍ର, କାହ୍ନୁଚରଣ ମୁନ୍ନା, ଅଧ୍ୟାପିକା ଡ. ମେନକା ନାଏକ, ଦେଓଲା ମାଝୀ, ରିତୁପ୍ରୀୟା ନାଏକ, ଖୁର୍ଶିଧାରା ବେଗମ୍, ମମତା ତପ୍ପୋ, ପୁରାତନ ଛାତ୍ର ସଂସଦର ସଦସ୍ୟ ହରେକୃଷ୍ଣ ମହାପାତ୍ର, ହିମାଂଶୁ ମହାପାତ୍ର, ସୁବାସ ନାଏକ, ମଳୟ ବେହେରା, ତନୟ ମହାପାତ୍ର, ନାଥ ପଣ୍ଡା, ସୁଜ୍ଞାନ ପଣ୍ଡା, ରାଜେଶ ଶର୍ମା, ରାଜେଶ ଅଗ୍ରୱାଲଙ୍କ ସମେତ ବହୁ ସଂଖ୍ୟାରେ ଅଧ୍ୟାପକ, ଅଧ୍ୟାପିକା ତଥା ଛାତ୍ରଛାତ୍ରୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ସଞ୍ଜୁଶ୍ରୀ ସାହୁ ସୁଚାରୁ ରୂପେ ପରିଚାଳନା କରିଥିବାବେଳେ, ଅଧ୍ୟାପିକା ବେଲମତି କୁମୁରା ଧନ୍ୟବାଦ ଅର୍ପଣ କରିଥିଲେ।



## ପ୍ରଧାନଶିକ୍ଷକଙ୍କ ଅବସର ଗ୍ରହଣ

**ସମ୍ବଲପୁର, ୨।୭(ସମିସ):** ଜମନକିରା ବ୍ଲକ ସାପଲତ ୟୁଜିୟୁପି ସ୍କୁଲର ପ୍ରଧାନଶିକ୍ଷକ ସୁବୋଧ କୁମାର ପଣ୍ଡା ଚାକିରି ଜୀବନରୁ ଅବସରଗ୍ରହଣ କରିଛନ୍ତି। ଶ୍ରୀ ପଣ୍ଡା ୧୯୮୬ ମସିହା ଅଇଁଠାପାଲି ବିଦ୍ୟୁତ କଲୋନୀ ପ୍ରାଥମିକ ବିଦ୍ୟାଳୟରୁ ଚାକିରିଜୀବନ ଆରମ୍ଭ



କରିଥିଲେ। ପରେ ରେମେଡ ପ୍ରାଥମିକ ବିଦ୍ୟାଳୟ, ଭୁତାପଡ଼ା ସ୍କୁଲ, ପଟ୍ଟନାୟକପଡ଼ା ସ୍କୁଲ ଓ ବଡ଼ବଜାର ସ୍କୁଲ ଆଦିରେ ଶିକ୍ଷକତା କରିଥିଲେ। ସେ ପୂର୍ବରୁ ସମ୍ବଲପୁର ସହରାଞ୍ଚଳ ଓ ଧନକଉଡ଼ା ବ୍ଲକ ଶିକ୍ଷକ ସଂଘର ୯ ବର୍ଷ ଧରି ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ।

# ଡକରା ପଞ୍ଚାୟତ ରାସ୍ତା ନିର୍ମାଣରେ ମହାଦୁର୍ନୀତି !

**ସମ୍ବଲପୁର/ମାନେଶ୍ୱର ୨।୭ (ସମିସ)**

ସରକାର ଗ୍ରାମାଞ୍ଚଳରେ ସୁଗମ ଯାତାୟତ ଓ ବିଭିନ୍ନ ଅଞ୍ଚଳରେ ଯୋଗାଯୋଗକୁ ସୁଦୃଢ କରିବା ପାଇଁ ରାସ୍ତା ନିର୍ମାଣ କରୁଛନ୍ତି। ହେଲେ ବିଭାଗର ଅବହେଳା ଓ ଠିକାଦାରଙ୍କ ଦୁର୍ନିତୀ ଖୋର ମନୋଭାବ ଯୋଗୁଁ ରାସ୍ତା କାମ ନିମ୍ନମାନର ହେଉଛି। ଏଭଳି ଅଭିଯୋଗ ଆସିଛି ମାନେଶ୍ୱର ବ୍ଲକ ଡକରା ପଞ୍ଚାୟତରେ। ଅଭିଯୋଗ କ୍ରମେ ଏକ ପିଚୁ ରାସ୍ତାରେ ବ୍ୟାପକ ଦୁର୍ନୀତି ର ଗନ୍ଧ ବାରି ହେଉଥିବା ନେଇ ଲୋକେ ଅଭିଯୋଗ କରିଛନ୍ତି। ସରକାରୀ ଅର୍ଥର ହରିଲୁଟ କରାଯାଉଛି। ନିମ୍ନମାନର ପିଚୁ ରାସ୍ତା ତିଆରି ହେଉଛି। ଯେ କେହିଭି ଏହି ରାସ୍ତା କୁ ଦେଖିଲେ ସ୍ପଷ୍ଟ ଭାବରେ ଜାଣି ପାରିବ। ରାସ୍ତା ତିଆରି ରେ ଅତି ନିମ୍ନମାନର ସାମଗ୍ରୀ ବ୍ୟବହାର ହେବା ସହ ରାସ୍ତା କୁ ଭଲଭାବେ ରୋଲିଂ ମଧ କରାଯାଉନାହିଁ। ଫଳରେ ରାସ୍ତାଟି ଗୋଟିଏ ବର୍ଷାରେ ଧୋଇ ହୋଇଯିବା ଆଶଙ୍କା ରହିଛି। ଏହି ରାସ୍ତା ଟି ହେଉଛି ଜିଲ୍ଲା ମାନେଶ୍ୱରର ବ୍ଲକ ଡକରା ପଞ୍ଚାୟତର ବାଲପୁର ଗ୍ରାମରୁ ଯାଦୁଲୋଇସିଂ ଗ୍ରାମକୁ ସଂଯୋଗ କରୁଛି। ୧୪ କିମି ରାସ୍ତା ରହିଛି। ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ବହୁବାର ଦାବୀ କରିବା ପରେ ନିର୍ମାଣ





କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ନିଜ ଅଞ୍ଚଳରୁ ରାସ୍ତା ନିର୍ମାଣ ପରେ ସୁବିଧାରେ ଯାତାୟାତ କରିପାରିବାକୁ ଥିବା ଗ୍ରାମବାସୀଙ୍କ ସ୍ୱପ୍ନକୁ ନିମ୍ନମାନର ରାସ୍ତା ତିଆରି କାର୍ଯ୍ୟ ଚୁରମାର କରିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ନିମ୍ନମାନର ପିଚୁ ରାସ୍ତା ନିର୍ମାଣ ନେଇ ଗ୍ରାମବାସୀଙ୍କ ଅଭିଯୋଗକୁ ଦାଇତ୍ୱରେ ଥିବା ଠିକାଦାର ଅଣଦେଖା କରୁଛନ୍ତି। କୌଣସି ନିର୍ମାଣ କାର୍ଯ୍ୟ ପାଇଁ ସୂଚନା ଫଳକ ଲଗାଇବା ବାଧ୍ୟତା ମୂଳକ ଥିବା ବେଳେ ଏଠି ବିନା ସୂଚନା ଫଳକରେ କାହା ସାହସରେ ଠିକାଦାର ଜଣକ ରାସ୍ତା ତିଆରି କରୁଛନ୍ତି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏହି ୧୪ କିମି ରାସ୍ତା ନିର୍ମାଣ ପାଇଁ କେତେ ବ୍ୟୟଅଟକଳ ରହିଛି। କିଭଳି ଭାବେ ରାସ୍ତା ନିର୍ମାଣ ହେବ ଜଣାପଡୁ ନାହିଁ। ଡାକରା ସରପଞ୍ଚ ଏହି ପ୍ରସଙ୍ଗରେ କହିଥିଲେ ଯେ ନିମ୍ନମାନର କାମ ହେଉଥିବା ନେଇ ତାଙ୍କ ନିକଟକୁ ଅଭିଯୋଗ ଆସିଥିଲା। ଏନେଇ ଦାଇତ୍ୱରେ ଥିବା ଠିକାଦାର ଙ୍କୁ ଜଣାଇଲା ପରେ ମଧ କୌଣସି ସୁଫଳ ମିଳିନାହିଁ। ଏଣୁ ସେ ଜିଲ୍ଲାପାଳଙ୍କ ଠାରେ ଏନେଇ ଅଭିଯୋଗ କରିବେ ବୋଲି ସେ କହିଛନ୍ତି। ରାସ୍ତା ନିର୍ମାଣର ହେଉଥିବା ଅଭିଯୋଗ ଉପରେ ସଠିକ ଭାବରେ ତଦନ୍ତ କରାଗଲେ ଠିକାଦାର ଓ ସ୍ଥାନୀୟ ପ୍ରଶାସନର ମଧୁଚନ୍ଦ୍ରିକା ର ପର୍ଦାଫାଶ ହେବାସହ କିଛି ବଡ଼ ମୁଣ୍ଡି ଅଧିକାରୀଙ୍କ ଦୁର୍ନୀତି ସମ୍ପୃକ୍ତି ମଧ ଲୋକଲୋଚନ କୁ ଆସିପାରିବ ବୋଲି ଗ୍ରାମୋବାସୀ କହୁଛନ୍ତି।

## ଶୌଚାଳୟରେ ତାଲା, ଘେରିଗଲାଣି ଅନାବନା ଗଛ

**କୁଚିଣ୍ଡା, ୨।୭(ସମିସ):** କୁଚିଣ୍ଡା ଏନଏସି ଅଧିନସ୍ଥ ୱାର୍ଡ ନଂ ୯ର ମୁକୁନ୍ଦି ଷ୍ଟାଡିୟମ ପଛ ପଟରେ ଏନଏସି ପକ୍ଷରୁ ସର୍ବ ସାଧାରଣଙ୍କ ନିମନ୍ତେ ଗୋଷ୍ଠୀ ପାଇଖାନା ୫ଲକ୍ଷ ୧୨ ହଜାର ୬୨୭ ଟଙ୍କା ବିନିମୟରେ ୨୦୨୨/୨୩ ଆର୍ଥିକ ବର୍ଷରେ ନିର୍ମାଣ କରାଯାଇଛି। ହେଲେ ଗୋଷ୍ଠୀ ପାଇଖାନାଟି ନିର୍ମାଣ ପରେ ଆଜି ପର୍ଯ୍ୟନ୍ତ ବନ୍ଦ ରହିଛି। ଯଦି ଉକ୍ତ ପାଇଖାନ ଟି ବନ୍ଦ ରଖିବାର ଥିଲା କିମ୍ବା ସର୍ବ ସାଧାରଣଙ୍କ ବ୍ୟବହାରରେ ଆଜି ପର୍ଯ୍ୟନ୍ତ ବ୍ୟବହାରରେ ନ ଆସି ସେହି ଦିନଠାରୁ ବନ୍ଦ ରହି ତାରି ଉପରେ ବା ସମ୍ମୁଖ ଭାଗ ଗେଟରେ ବିଭିନ୍ନ ପ୍ରକର ଲତା ଛାଇ ଗଲାଣି। ତେବେ ଏତେ ଟଙ୍କା ଖର୍ଚ୍ଚ କରି ନିର୍ମାଣ ପଛରେ କଣ ଉଦ୍ଦେଶ୍ୟରେ ଥାଇପାରେ ବୋଲି ଲୋକ ପ୍ରଶ୍ନ କଲେଣି। ଏନେଇ ଏନଏସିର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ଏଯାଏଁ ପାଣି ସଂଯୋଗ ହୋଇପାରି ନାହିଁ। ଏଣୁ ବନ୍ଦ ରହିଛି ଶୀଘ୍ର ପାଣି ସଂଯୋଗ ବ୍ୟବସ୍ଥା କରି ଜନହିତରେ ଲଗାଯିବ ବୋଲି ଏନଏସିର କନିଷ୍ଠ ଯନ୍ତ୍ରୀ ଶ୍ରୀ ସା ପ୍ରକାଶ କରିଥିଲେ।



### ଆରଡ଼ି ରାସ୍ତାରୁ ହଟିଲା ଅଶୋକାର ବେଆଇନ ଟୋଲ୍ ପ୍ଲାଜା

# ନିଜେ ଭାଙ୍ଗିଲା ବେଆଇନ ଟୋଲ୍ ପ୍ଲାଜା

ବରଗଡ଼, ୨।୭ (ସମିସ)

ଠିକା ସଂସ୍ଥା ଅଶୋକା ବିଲ୍ଡକନ ଦ୍ୱାରା ଆରଡି (ପଞ୍ଚାୟତ) ରାସ୍ତାରେ ବେଆଇନ ଭାବରେ ନିର୍ମାଣ କରାଯାଉଥିବା ଟୋଲ ପ୍ଲାଜାକୁ ଆଜି ସେ ନିଜେ ଭାଙ୍ଗିଦେଇଛି। ଅଶୋକା ବିଲ୍ଡକନ କିଛି ବର୍ଷ ହେବ ପଞ୍ଚାୟତ ରାସ୍ତାରୁ ବେଆଇନ ଭାବେ ସ୍କାନର ଲଗାଇ ଲୁଚିଛପି ଫାଷ୍ଟଟେଗ ଜରିଆରେ ଯାନବାହନଗୁଡ଼ିକରୁ ଟୋଲ ଆଦାୟ କରିଆସୁଥିଲା। ସେହିପରି କିଛି ଦିନ ହେବ ଉକ୍ତ ରାସ୍ତାରୁ ବେଆଇନ ଭାବେ ଟୋଲ ପ୍ଲାଜା ନିର୍ମାଣ କରି ଖୁଲମଖୁଲା ଟୋଲ ଅସୁଲି କରିବାର ଯୋଜନା କରୁଥିଲା। ଯାହାକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ଗତ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏନଏଚଏଆଇ କର୍ତ୍ତୃପକ୍ଷ, ଅଶୋକା ବିଲ୍ଡକନ କର୍ତ୍ତୃପକ୍ଷ, ଜିଲ୍ଲା ଓକିଲ ସଂଘ, ବରାହଗୁଡା ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲା ପ୍ରଶାସନ ଠିକା





ସଂସ୍ଥା ଅଶୋକା ବିଲ୍ଡକନକୁ ତାଗିଦ କରିବା ସହ ଉକ୍ତ ରାସ୍ତାରୁ ଟୋଲ ଆଦାୟ ବନ୍ଦ କରି ବେଆଇନ ଟୋଲ ପ୍ଲାଜାକୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ମଙ୍ଗଳବାର ଉକ୍ତ ଆରଡି (ପଞ୍ଚାୟତ) ରାସ୍ତାରେ ନିର୍ମାଣ ହୋଇଥିବା ବେଆଇନ ଟୋଲ ପ୍ଲାଜାକୁ ଅଶୋକା ବିଲ୍ଡକନ ନିଜେ ଭାଙ୍ଗି ଦେଇଛି। ମଙ୍ଗଳବାର ଅପରାହ୍ନରେ ଠିକା ସଂସ୍ଥା ଅଶୋକା ବିଲ୍ଡକନ ମେସିନ ସାହାଯ୍ୟରେ ପଞ୍ଚାୟତରେ ନିଜେ ନିର୍ମାଣ କରିଥିବା ଟୋଲ ପ୍ଲାଜାକୁ ଭାଙ୍ଗି ଦେଇଥିଲା। ଏ ଅବସରରେ ସ୍ଥାନୀୟ ଗ୍ରାମବାସୀ, ଆଖପାଖ ଅଞ୍ଚଳର ଜନସାଧାରଣ ଅଶୋକା ବିଲ୍ଡକନ ବିରୁଦ୍ଧରେ ନାରାବାଜି ଦେଉଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ ଯେ ବରଗଡ଼ ଜିଲ୍ଲା ଲୋହରାଚଟୀ ଠାରୁ ସମ୍ବଲପୁର ପର୍ଯ୍ୟନ୍ତ ଚାରିଲେନ ବିଶିଷ୍ଟ ଜାତୀୟ ରାଜପଥ ନିର୍ମାଣ ହୋଇଛି। ଯାହାକୁ ନେଇ ରାସ୍ତା ନିର୍ମାଣକାରୀ ଠିକାସଂସ୍ଥା ଅଶୋକା ବିଲ୍ଡକନ ତରଫରୁ ବରାହଗୁଡାଠାରେ ଟୋଲ ପ୍ଲାଜା ନିର୍ମାଣ କରାଯାଇ ଯାନବାହାନ ଠାରୁ ଟୋଲ ଟ୍ୟାକ୍ସ ଅସୁଲି କରାଯାଉଛି। ଅପରପକ୍ଷେ କିଛି ବର୍ଷ ହେବ ଅଶୋକା ବିଲ୍ଡକନ ତରଫରୁ ଆରଡି (ପଞ୍ଚାୟତ) ରାସ୍ତାରୁ ଲୁଚି ଛପି ଯାନବାହାନଗୁଡିକର ସ୍କାନ କରି ଫାଷ୍ଟ ଟ୍ୟାଗ ଜରିଆରେ ଟୋଲ ଅସୁଲି କରୁଥିଲା। ସେହିପରି କିଛିଦିନ ହେବ ଅଶୋକା ବିଲ୍ଡକନ କାହାକୁ ଖାତିର ନକରି ବରାହଗୋଡା ଠାରୁ ତୋରା ଭାୟା ନନ୍ଦଟିକ୍ରାକୁ ଯାଇଥିବା ଉକ୍ତ ରାସ୍ତାରେ ବେଆଇନ ଟୋଲ ପ୍ଲାଜା ନିର୍ମାଣ କରୁଥିଲା। ଯାହାକୁ ନେଇ ଅଭିଯୋଗ ହେବା ପରେ ପ୍ରଶାସନର ନିଷ୍ପତ୍ତିକ୍ରମେ ଆଜି ତାକୁ ନିଜେ ଠିକା ସଂସ୍ଥା ଭାଙ୍ଗି ଦେଇଥିଲା।

## ଅସହାୟ ଦିବ୍ୟାଙ୍ଗ ମହିଳା ଉଦ୍ଧାର



ଭେଡେନ, ୨।୭ (ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅନ୍ତର୍ଗତ ସୁନାଲରମ୍ଭା ଗ୍ରାମ ପଞ୍ଚାୟତ କୁଦୋପାଲି ଗ୍ରାମର ରୋହିଦାସପଡ଼ାରେ ଏକାକୀ ରୁହନ୍ତି ଦିବ୍ୟାଙ୍ଗ ଅସହାୟ ମହିଳା ରତନି ବାଗ। ରତନୀ ବାଗ ଓ ତାଙ୍କ ସ୍ୱାମୀ ପର୍ଶୁରାମ ବାଗ ଉଭୟେ କୁଷ୍ଠରୋଗୀ କିନ୍ତୁ ଦୀର୍ଘ ୧୫ ବର୍ଷ ପୂର୍ବରୁ ସ୍ୱାମୀ ପର୍ଶୁରାମଙ୍କର ମୃତ୍ୟୁ ହୋଇସାରିଛି। ଉଭୟଙ୍କର କୌଣସି ସନ୍ତାନ ସନ୍ତତି କିମ୍ବା ବନ୍ଧୁ ପରିଜନ ନାହାନ୍ତି। ଦୀର୍ଘ ଦିନ ଧରି ସୁନାଲରମ୍ଭା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁଦୋପାଲି ରୋହିଦାସପଡ଼ାରେ ଏକ ଅସ୍ଥାୟୀ ଝୁପୁଡ଼ିରେ ଅତି ଦୟନୀୟ ଭାବରେ ସେ କାଳାତିପାତ କରୁଥିଲେ। ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ଅଶୋକ ସୁନା ଏହା ଜାଣିବା ପରେ ସମ୍ବଲପୁରର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପରିଚୟ'ର ବିପିନ ବିହାରୀ ପଣ୍ଡାଙ୍କ ସହିତ ଯୋଗାଯୋଗ କରି ରତନୀ ବାଗଙ୍କୁ ଉଦ୍ଧାର କରି ଭୁବନେଶ୍ୱର ସ୍ଥିତ ଏକ ବୃଦ୍ଧାଶ୍ରମରେ ଥଇଥାନ କରିଥିଲେ। ସୁନାଲରମ୍ଭା ଗ୍ରାମପଞ୍ଚାୟତର ସରପଞ୍ଚ ସ୍ୱାଗତିକା ସୁନା ଓ ତାଙ୍କ ସ୍ୱାମୀ ଅଶୋକ ସୁନାଙ୍କ ଉପସ୍ଥିତିରେ ଅସହାୟ ମହିଳାଙ୍କୁ ଉଦ୍ଧାର କରାଯାଇଥିଲା।

## ଖୁଜେନ ଓ ଗୌଡ଼ପାଲି ପ୍ରାଥମିକ ବିଦ୍ୟାଳୟରୁ ଚୋରି

ପଦ୍ମପୁର, ୨।୭ (ସମିସ): ରାଜବୋଡ଼ାସମ୍ବର ବ୍ଲକ କନସିଙ୍ଘା ପଞ୍ଚାୟତ ଖୁଜେନ ପ୍ରାଥମିକ ବିଦ୍ୟାଳୟରୁ ଗତକାଲି ରାତିରେ ମନିଟରିଂ ଟାବଲେଟ ଓ ବ୍ଲୁ ଟୁଥ ସାଉଣ୍ଡ ସିଷ୍ଟମ ଚୋରି ହୋଇ ଥିବା ନେଇ ପଦ୍ମପୁର ଥାନାରେ ପ୍ରଧାନଶିକ୍ଷକ, ପରିଚାଳନା କମିଟି ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିଦିନ ଏହି ପଞ୍ଚାୟତ ଅଧିନସ୍ଥ ଗୌଡ଼ପାଲି ପ୍ରାଥମିକ ବିଦ୍ୟାଳୟର ତାଲା ଭାଙ୍ଗି ସାଉଣ୍ଡ ବକ୍ସକୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ଆଜି ପଦ୍ମପୁର ପୁଲିସ ସ୍କୁଲକୁ ଯାଇ ତଦନ୍ତ କରିଛନ୍ତି। ପଦ୍ମପୁର ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ, ଅତିରିକ୍ତ ଶିକ୍ଷା ଅଧିକାରୀ ଶିବ ପ୍ରସାଦ ଯୋଶୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନେତ୍ରାନନ୍ଦ ସାହୁ ଉଭୟ ସ୍କୁଲକୁ ଯାଇ ଘଟଣା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। ଚୋରକୁ ଧରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଭୟ ଗ୍ରାମବାସୀ ଦାବି କରିଛନ୍ତି।

## ତିନିଦିନିଆ ଜିଜ୍ଞାସା ପ୍ରଶିକ୍ଷଣ ଉଦ୍‌ଯାପିତ

ପଦ୍ମପୁର, ୨।୭ (ସମିସ): ସ୍ଥାନୀୟ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଜମଲା ପରିସରରେ ତିନିଦିନ ଧରି ଚାଲିଥିବା ଆକାଂକ୍ଷୀ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ଜିଜ୍ଞାସା ପ୍ରଶିକ୍ଷଣ ଉଦଯାପିତ ହୋଇଯାଇଛି। ଉଦଯାପନୀ ସଭା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଶିକ୍ଷଣ ଶିବିରର ଦ୍ୱିତୀୟ ଦିବସରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧୀରୋଜ କୁମାର ପଟ୍ଟନାୟକ ପରିଦର୍ଶନରେ ଆସି ବିଜ୍ଞାନ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ସାଧନକର୍ମୀ ମାନସ ରଞ୍ଜନ ଶତପଥୀ ଓ ମୋହନ ରଣା ପର୍ଯ୍ୟାୟକ୍ରମେ ସମସ୍ତ ପାଠ୍ୟକ୍ରମକୁ ପ୍ରାଞ୍ଜଳ ଭାବରେ ଉପସ୍ଥାପନ କରିଥିଲେ। ଏହି ଶିବିରରେ ରାଜବୋଡ଼ାସମ୍ବର ଓ ଗାଇସିଲେଟ ବ୍ଲକରୁ ଆସିଥିବା ପଚାଶ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ସକ୍ରିୟ ଅଂଶ ଗ୍ରହଣ କରିବା ସହ ଗ୍ରୁପ ଉପସ୍ଥାପନା ଗୁଡ଼ିକ ଚମତ୍କାର ଢ଼ଙ୍ଗରେ ପରିବେଷଣ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ଜିଜ୍ଞାସା ପ୍ରଶିକ୍ଷଣ ହାଇସ୍କୁଲ ସ୍ତରୀୟ ଛାତ୍ରଛାତ୍ରୀଙ୍କର ବିଜ୍ଞାନ ବିଷୟରେ ଆଗ୍ରହ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ।

## ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ସଭା

ବରଗଡ଼, ୨।୭ (ସମିସ): ବରଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଗତ ଜୁନ ମାସରେ ଅବସର ନେଇଥିବା ବରଗଡ଼ ବ୍ଲକର ଧ୍ରୁବଚରଣ ପାଢ଼ୀ, ଚନ୍ଦ୍ରକାନ୍ତି ମେହେର ଓ ଟିଲୋତ୍ତମା ଭୋଇଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ସଭାସ୍ଥଳରେ ବିଇଓ ପେନସନ ପେପର ପ୍ରଦାନ କରିଥିଲେ। ବିଇଓ ସୁରେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଏବିଇଓ ରଞ୍ଜନ ଡନସନା, ଘାସିରାମ ଭୋଇ, ଦିଲ୍ଲୀପ ମେହେର ଓ ମୁଖ୍ୟ କିରାଣୀ ଭରତ ମେହେରଙ୍କ ସହିତ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ନବୀନ କୁମାର ସାବତ, ସମ୍ପାଦକ କୃପାସିନ୍ଧୁ ଗଡ଼ତିଆ ଓ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ ଏବଂ ଫାଇନାଲ ପେନସନ ଶୀଘ୍ରତିଶୀଘ୍ର ସମ୍ପନ୍ନ କରିବା ପାଇଁ ପ୍ରତିଶୃତି ଦେଇଥିଲେ। ସଭା ଶେଷରେ ସିଆର୍‌ସିସି ଅଭୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍କୁଲରେ ଶିକ୍ଷକ ପଦବୀ ପୂରଣ ନିମନ୍ତେ ଧାଙ୍ଗେର ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



ବରଗଡ଼, ୨।୭ (ସମିସ):ଶିକ୍ଷା ଦ୍ୱାରା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣ ହୋଇ ଥାଏ ହେଲେ ଦେଖିବାକୁ ମିଳୁଛି ଯେ ଅଧିକାଂଶ ସ୍କୁଲରେ ଶିକ୍ଷକ ନାହାନ୍ତି କି ଆନୁସାଙ୍ଗିକ ଭିତ୍ତିଭୂମି ନାହିଁ। ଏହିପରି ଏକ ସମସ୍ୟା ଦେଖିବା ମିଳିଛି ବରଗଡ଼ ବ୍ଲକ ଅନ୍ତର୍ଗତ ଧାଙ୍ଗେର ଗାଁ ରେ। ଏଠାରେ ଥିବା ସ୍କୁଲରେ ଶିକ୍ଷକ ଓ ବିଭିନ୍ନ କର୍ମଚାରୀ ପଦବୀ ଖାଲି ପଡ଼ିଥିବା ବେଳେ ଏହାକୁ ନେଇ ଅଭିଭାବକ ମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଏକ ଦାବିପତ୍ର ଡେପୁଟି କଲେକ୍ଟର ଜ୍ୟୋତିରୂପା ଶତପଥୀଙ୍କୁ ପ୍ରଦାନ କରିଛନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ୨୪୦ ଜଣ ଛାତ୍ର ଛାତ୍ରୀ ପାଠପଢୁ ଥିବା ବେଳେ ମାତ୍ର ଏଠାରେ ୫ ଜଣ ଶିକ୍ଷକ ନିଯୁକ୍ତ ଅଛନ୍ତି ଏବଂ ହାଇସ୍କୁଲରେ ୫୭ ଛାତ୍ରଛାତ୍ରୀ ଥିବା ବେଳେ ମାତ୍ର ୩ ଜଣ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ତେଣୁ କରି ଛାତ୍ରଛାତ୍ରୀଙ୍କ ପାଠପଢ଼ା ବାଧା ପ୍ରାପ୍ତ ହେଉଛି ବୋଲି ଅଭିଯୋଗ କରିଛନ୍ତି। ପାଠପଢ଼ାରେ ଅବ୍ୟବସ୍ଥା ଯୋଗୁଁ ହାଇସ୍କୁଲ ବୋର୍ଡ ଫଳ ଆଶାନୁରୂପ ହେଉନାହିଁ। ଛାତ୍ରଛାତ୍ରୀ ଏ ୧, ଏ ୨ ଗ୍ରେଡ଼ ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଆହୁରି ୩ ଟି ଶିକ୍ଷକ ଓ ହାଇସ୍କୁଲ ପାଇଁ ଖାଲି ଥିବା ପ୍ରଧାନ ଶିକ୍ଷକ, ଟିଜିଟି ଆର୍ଟ୍ସ, କ୍ଲାସିକାଲ, ପିଇଟି ଓ ଜୁନିଅର ଆସିଷ୍ଟାଣ୍ଟ ପଦବୀ(୫) ପୂରଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମର ପ୍ରକାଶ କୁମ୍ଭାର, ମନୋରଞ୍ଜନ ବାରିକ, ମିଲୁ ନାଗ, ଗୋପାଳ ମାଝୀ, ପଦ୍ମିନୀ କୁମ୍ଭାର, ମମତା କୁମ୍ଭାର, ଜ୍ୟୋସ୍ନା ପେରିଆ, ସୁଭାଷିନୀ ନାଗ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଆସନ୍ତା ୨ ସପ୍ତାହ ମଧ୍ୟରେ ଏହି ଦାବି ପୂରଣ ନହେଲେ ଗ୍ରାମବାସୀ ଜିଲ୍ଲପାଳ ଅଫିସ ସାମ୍ନାରେ ଧାରଣାରେ ବସିବାକୁ ବାଧ ହେବେ ବୋଲି କହିଛନ୍ତି।

## ବର୍ଷା ଋତୁରେ ଆୟୁର୍ବେଦୀୟ ଔଷଧ ବଣହଳଦୀର ଚାହିଦା

ଗୁଦେରପାଲି, ୨।୭ (ସମିସ):ସାରା ବିଶ୍ୱରେ ନିଜ ନିଜର ପାରମ୍ପରିକ ଚିକିତ୍ସା ବିଜ୍ଞାନ ରହୁଥିବା ବେଳେ ଆମ ଭାରତ



ବର୍ଷରେ ଆୟୁର୍ବେଦୀୟ ଚିକିତ୍ସା ବିଜ୍ଞାନ ବହୁ ପୁରାତନ। ଏପରି ଚିକିତ୍ସା ପ୍ରଣାଳୀକୁ ସର୍ବଶ୍ରେଷ୍ଠ ସ୍ୱାସ୍ଥ୍ୟରକ୍ଷା ବିଜ୍ଞାନ ଭାବେ ପ୍ରାଧାନ୍ୟ ଦିଆଯାଉଛି। ଯୁଗ ଯେତେ ଆଧୁନିକ ହେଲେ ସୁଦ୍ଧା ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଆୟୁର୍ବେଦ ଚିକିତ୍ସା ବିଜ୍ଞାନରେ ବର୍ଣ୍ଣିତ ବିଭିନ୍ନ ଆୟୁର୍ବେଦ ଔଷଧୀୟ ବୃକ୍ଷ ବା ଗୁଳ୍ମର ପତ୍ର, ଫୁଲ, କାଣ୍ଡ ଓ ଚେରମୂଳି କୁ ଔଷଧ ରୂପେ ବ୍ୟବହାର ଧାରା ଏବେ ମଧ୍ୟ ଜାରି ରହିଛି। ଏଥିରେ କିଛି ଦ୍ୱିମତ ହେବାର ନାହିଁ। ଆୟୁର୍ବେଦ ଚିକିତ୍ସାରେ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ବିଭିନ୍ନ ଔଷଧୀୟ ବୃକ୍ଷଲତା ମଧ୍ୟରୁ ବଣ ହଳଦୀ ଗଛର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ହଳଦୀ ଏକ ଗୁଳ୍ମ ଜାତୀୟ ଉଦ୍ଭିଦ। ଏହା ତିନିପ୍ରକାରର ସାଧାରଣ ହଳଦୀ, କର୍ପୁର ହଳଦୀ ଏବଂ ବଣ ହଳଦୀ। ସ୍ୱାସ୍ଥ୍ୟ ନିମନ୍ତେ ଏହାର ମୁଖ୍ୟତଃ ଚେର ବା କନ୍ଦା କୁ ବ୍ୟବହାର କରାଯାଇଥାଏ। ଏହି ଗଛ ଘଞ୍ଚ ଜଙ୍ଗଲ ମଧ୍ୟରେ ସ୍ୱତଃ ପୂର୍ଣ୍ଣ ଭାବେ ନିଜେନିଜେ ଅଙ୍କୁରିତ ହୋଇଥାଏ। କେହି ଏହାକୁ ରୋପଣ ବା ଏହି ଗଛର ରକ୍ଷଣାବେକ୍ଷଣ କରିନଥାନ୍ତି। ଏହି ଗଛ ସାଧାରଣ ହଳଦୀ ଗଛ ପରିଥାଏ କିନ୍ତୁ ଛୋଟଛୋଟ ବୁଦା ହୋଇଥାଏ ଏବଂ ପତ୍ରରେ ଛୋଟଛୋଟ ଧଳା ଦାଗ ରହିଥାଏ।ଏହି ଗଛର ଫୁଲ ଧଳା ଏବଂ ନାଲି ରଙ୍ଗର ହୋଇ ବହୁତ ସୁନ୍ଦର ଦେଖା ଯାଇଥାଏ। ଏହା ପୌଷମାସରେ ଅମଳ ହୋଇଥାଏ ଏବଂ ତାର ଚେରରେ ମହମହ ସୁଗନ୍ଧ ବାହାରିଥାଏ। ଆୟୁର୍ବେଦ ଚିକିତ୍ସକ ମାନଙ୍କ କହିବାନୁସାରେ ବଣ ହଳଦୀ ଚର୍ମରୋଗ, ରକ୍ତ ସଞ୍ଚାଳନ ଏବଂ ପେଟ ବା ଉଦର ରୋଗ ପାଇଁ ରାମବାଣ ସଦୃଶ। ଏହି ଗଛ ବରଗଡ଼ ଜିଲ୍ଲା ଦହିତା ପଞ୍ଚାୟତର ଲେଦ୍ରାପାଲି ଗାଁର ବୁଢାଡଙ୍ଗର ପାଦଦେଶରେ ଥିବା ବରାଛାପର ଜଙ୍ଗଲର ହିଲଟପ୍‌ରେ ଦେଖିବାକୁ ମିଳୁଛି।

## ପ୍ରଥମ ଥର ପାଇଁ ବିକାଶ ମଲ୍ଟି ସ୍ପେଶାଲିଟି ହସ୍‌ପିଟାଲରେ 'ଲେଜର ଭେରିକୋଜ୍ ଭେନ୍ ସର୍ଜରୀ'

ବରଗଡ଼, ୨।୭ (ସମିସ): ପଶ୍ଚିମ ଓଡ଼ିଶାରେ ପ୍ରଥମ ଥର ପାଇଁ ବରଗଡ଼ ବିକାଶ ମଲ୍ଟି ସ୍ପେଶାଲିଟି ହସପିଟାଲରେ ଜନୈକ ବ୍ୟକ୍ତିଙ୍କ ଲେଜର ଭେରିକୋଜ ଭେନ ସର୍ଜରୀ କରାଯାଇଛି। ସମ୍ବଲପୁର ଲପଙ୍ଗା ଅଞ୍ଚଳର ପବିତ୍ର କୁମାର ବେହେରା ନାମକ ଉକ୍ତ ରୋଗୀ କିଛି ଦିନ ପୂର୍ବେ ବରଗଡ଼ ବିକାଶ ମଲ୍ଟି ସ୍ପେଶାଲିଟି ହସପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ତାଙ୍କର ଅନେକ ପ୍ରକାର ପରୀକ୍ଷା କରାଯିବା ପରେ ତାଙ୍କୁ 'ଭେରିକୋଜ ଭେନ' ହୋଇଥିବା ଜଣାପଡ଼ିଥିଲା। ଡା. ବିକ୍ରମ କେଶରୀ ମହାନ୍ତି ପ୍ରଥମ ଥର ପାଇଁ ଲେଜର ଭେରିକୋଜ ଭେନର ଚିକିତ୍ସା କରିଥିଲେ। ଡା. ମହାନ୍ତିଙ୍କ କହିବା ମୁତାବକ ଭେରିକୋଜ ଭେନ ଗୋଟିଏ ସ୍ଥିତି ଯାହା ରୋଗୀର ଗୋଡ଼ରେ ହୋଇଥାଏ। ଏହା ହେବା ଦ୍ୱାରା ଗୋଡ଼ର ଭେନ ନଷ୍ଟ ହୋଇଯାଏ। ମୁଖ୍ୟତଃ ଭେନର କାମ ଗୋଡକୁ ରକ୍ତ ସଞ୍ଚାଳନ କରିଥାଏ। ଭେନ ଓ ତାର ଶାଖାପ୍ରଶାଖାରେ ଜମାଟ ବାନ୍ଧି ଫୁଲିଯିବା ଦ୍ୱାରା ରୋଗୀକୁ ଭୀଷଣ ବ୍ୟଥା ହୋଇଥାଏ। ଉପରୋକ୍ତ ରୋଗର କୌଣସି ମେଡିକାଲ ଟ୍ରିଟମେଣ୍ଟ ଚିକିତ୍ସାଶାସ୍ତ୍ରରେ ଏଯାଏ ନ ଥିବାରୁ କେବଳ ସର୍ଜରୀ ଦ୍ୱାରା ଏହାର ଚିକିତ୍ସା ସମ୍ଭବପର ହୋଇଥାଏ। ମାତ୍ର ସର୍ଜରୀ ଦ୍ୱାରା ଚିକିତ୍ସାର ସଫଳତା ହାର ବହୁତ କମ ଏବଂ ଏହା ପୁନର୍ବାର ହେବାର ଅଧିକ ଆଶଙ୍କା ଥାଏ। ଅନେକ ପ୍ରକାର ଆନୁସାଙ୍ଗିକ ପରୀକ୍ଷା କରାଯିବା ପରେ ଉପରୋକ୍ତ ରୋଗୀ ଜଣକର ଗୋଡ଼ର ଦୁଇଟି ଭେନ ଖରାପ ହୋଇଥିବା ଡା. ମହାନ୍ତି ଜାଣି ପାରିଥିଲେ। ଏଥିରେ ଅଙ୍ଗର କୌଣସି ଭାଗର କିଛି କଟାଛଟା କିମ୍ବା ଷ୍ଟିଚ୍‌ର ମଧ୍ୟ ଆବଶ୍ୟକତା ପଡ଼ି ନ ଥାଏ। ଚିକିତ୍ସାର ମାତ୍ର ୨ ଘଣ୍ଟା ପରେ ରୋଗୀ ମଧ୍ୟ ସ୍ୱାଭାବିକ ଭାବେ କୌଣସି ପ୍ରକାର ପ୍ରତିବନ୍ଧକ ଶୂନ୍ୟ ଭାବେ ଆରାମରେ ଚଲାବୁଲା କରିପାରେ। ଡା. ମହାନ୍ତି ସଫଳତାର ସହିତ ଏହି ଚିକିତ୍ସା କରିଥିଲେ।

## 'ବିଶ୍ୱ ରକ୍ତଶିକୁଳି ଦିବସ' ଉଦ୍‌ଯାପିତ



ପାଇକମାଲ, ୨।୭ (ସମିସ): ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ୧୯ ତାରିଖ ଠାରୁ ଆରମ୍ଭ ହୋଇ ଥିବା 'ବିଶ୍ୱ ରକ୍ତ ଶିକୁଳି ଦିବସ' ଉପଲକ୍ଷେ ଅନୁଷ୍ଠିତ ସଚେତନତା ଅଭିଯାନ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ପ୍ରଭାତ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦଯାପନୀ ସଭାରେ ଇଂରାଜୀ ଅଧ୍ୟାପକ ଅଙ୍କିତ କୁମାର ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ରକ୍ତ ଶିକୁଳି ରୋଗର ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପ୍ରାଞ୍ଜଳ ତଥା ସ୍ପଷ୍ଟ ଭାବରେ ବୁଝାଇ ଦେଇଥିଲେ। ଇତିହାସ ଅଧ୍ୟାପକ ପ୍ରଦୀପ କୁମାର ଦେୱାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଏହି ଭୟାବହ ରୋଗର ନିରାକରଣ ପାଇଁ କେଉଁ ସାବଧାନତା ଅବଲମ୍ବନ କରିବା ଉଚିତ ସେ ସମ୍ବନ୍ଧରେ ଏକ ଦୀର୍ଘ ଅଭିଭାଷଣ ରଖିଥିଲେ। ଉଦଘାଟନୀ ଦିବସରେ ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ ଅଡିଓ ଭିଜୁଏଲ୍ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ଏହି ରୋଗ ସମ୍ପର୍କରେ ସନ୍ଦେଶ ପ୍ରଦାନ କରିଥିଲେ। ସାମ୍ପ୍ରତିକ ସମାଜରେ ଏହି ରୋଗ କିପରି ଭୟଙ୍କର ଭାବରେ ବ୍ୟାପୁଛି ଏବଂ ମଣିଷ ସାବଧାନତା ଅବଲମ୍ବନ କରିବା ଦ୍ୱାରା କିପରି ଏହି ଭଳି ଏକ ବ୍ୟାଧିରୁ ମୁକ୍ତି ପାଇବ ସେଇଥିପାଇଁ ଦୀର୍ଘ ୧୫ ଦିନ ଧରି ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଯାଉଥିଲା। ଏହି ଦିବସ ଆରମ୍ଭରୁ ପ୍ରତ୍ୟେକ ଦିନ ଅଧ୍ୟାପକ, ଅଧ୍ୟାପିକା ତଥା ଅତିଥିମାନେ ସଭାରେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ସଚେତନ ରହିବା ସହିତ ଏହି ବାର୍ତ୍ତା ସମାଜରେ ମଧ୍ୟ ଦେବା ପାଇଁ ଉପଦେଶ ଦେଇଥିଲେ। ସଭା ଶେଷରେ ଅଧ୍ୟାପିକା ପୁଷ୍ପମଞ୍ଜରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାକୁ ସଫଳ କରିବା ପାଇଁ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀ ସହଯୋଗ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା ଉପଲକ୍ଷେ ପ୍ରତିଯୋଗିତା



ବରଗଡ଼, ୨।୭ (ସମିସ): ବରଗଡ଼ ରାଣା ପ୍ରତାପ ସ୍କୁଲ ପରିସରରେ ଆଇଡିଏଫ୍‌ସି ବ୍ୟାଙ୍କ୍ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ସ୍କୁଲର ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ, ସାଧାରଣଜ୍ଞାନ ଓ ପ୍ରବନ୍ଧ ଲିଖନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍. ଶୁଭଲକ୍ଷ୍ମୀ, କାହ୍ନା ବାରିକ, କ୍ରିଷ୍ଣା ଦୀପ ପ୍ରମୁଖ ପୁରସ୍କୃତ ହୋଇଥିଲେ। ବ୍ୟାଙ୍କ୍ ମ୍ୟାନେଜର ହେମାନନ୍ଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଧିକାରୀ ଅଭୟ ମେହେର, ଅଖିଳ ଖାନ, ରାଜେଶ ବାରିକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦୀପ କୁମାର ରଥ ଅଧ୍ୟକ୍ଷତା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

### ଡେଙ୍ଗୁକୁ ନିମନ୍ତ୍ରଣ କରୁଛି ସରକାରୀ ବସ୍‌ଷ୍ଟାଣ୍ଡ

# ପୁରୁଣା ଟାୟାର ଗଦା ପାଲଟିଛି ଏଡିସ୍ ମଶା ବଂଶବୃଦ୍ଧିର ପ୍ରକୃଷ୍ଟ ସ୍ଥାନ

ବରଗଡ଼, ୨।୭ (ସମିସ)

ବର୍ତ୍ତମାନ ବର୍ଷା ମାସରେ ଡେଙ୍ଗୁ ମେଲେରିଆ ଆଦି ମଶାବାହିତ ରୋଗ ହେବାର ଆଶଙ୍କା ରହିଛି। ଏପରି ସ୍ଥିତିରେ ଏହାର କାରଣ ଓ ନିରାକରଣ ନେଇ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବ୍ୟାପକ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି। ଅପରପକ୍ଷେ ବରଗଡ଼ ସରକାରୀ ବସଷ୍ଟାଣ୍ଡ ପରିସରରେ ବର୍ଷା ପାଣି ଜମି ରହିଥିବା ସହ ଗ୍ୟାରେଜରେ ଗଦାହୋଇ ଥିବା ପୁରୁଣା ଟାୟାର ଗୁଡ଼ିକ ଡେଙ୍ଗୁକୁ ନିମନ୍ତ୍ରଣ କରୁଥିବା ଦୃଷ୍ଟିଗୋଚର ହେଉଛି। ବସଷ୍ଟାଣ୍ଡ ପରିସରରେ ଜମା ହୋଇ ଥିବା ପୁରୁଣା ଟାୟର ଗୁଡ଼ିକରେ ଜମି ରହୁଥିବା ପାଣି ଡେଙ୍ଗୁ ଜ୍ୱରର ବାହାକ ଏଡିସ ମଶା ବଂଶ ବୃଦ୍ଧି ପାଇଁ ବେଶ ପ୍ରକୃଷ୍ଟ ସ୍ଥାନ ପାଲଟିଥିବା ବେଳେ ସହରବାସୀ ଏହାକୁ ନେଇ ଆତଙ୍କିତ ହୋଇପଡ଼ିଛନ୍ତି। ଜିଲ୍ଲା ସଦର ମହକୁମାରେ ଥିବା ସରକାରୀ ବସଷ୍ଟାଣ୍ଡରେ ଥିବା ଗ୍ୟାରେଜରେ ଖୋଲା ଆକାଶରେ ଜମା ହୋଇଛି ଶହ ଶହ ପୁରୁଣା



ଟାୟର। ଗ୍ୟାରେଜ ପରିସର ଲଟାବୁଦାରେ ପରିପୂର୍ଣ୍ଣ ହୋଇ ପଡ଼ିଥିବା ବେଳେ ଟାୟାର ଜମା ହୋଇଥିବା ସ୍ଥାନରେ ବର୍ଷା ପାଣି ତଥା ମଇଳା ପାଣି ଜମା ହେଉଛି। ଯାହାକି ଡେଙ୍ଗୁ ରୋଗର ବାହାକ ଏଡିସ ମଶା ବଂଶ ବୃଦ୍ଧି ପାଇଁ ବେଶ ସହାୟକ ହେଉଛି। ଅନ୍ୟ ପକ୍ଷରେ ବରଗଡ଼ ସହର ତଥା ଜିଲ୍ଲାର ବିଭିନ୍ନ ଖାଲୁଆ ଅଞ୍ଚଳରେ ସାମାନ୍ୟ ବର୍ଷା ହେଲେ ପାଣି ଜମୁଥିବାର ପରିଲକ୍ଷିତ ହେଉଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଜାରି ହେଉଥିବା ବିଜ୍ଞାପନରେ ଡେଙ୍ଗୁ ଜ୍ୱର ପ୍ରତି ସତର୍କ ଓ ସଚେତନ ରହିବାକୁ ପରାମର୍ଶ ଦିଆଯାଇଥାଏ। ସେହିପରି ଏହାର ପ୍ରତିରୋଧ ପାଇଁ ପାଣି ରହୁଥିବା ପାତ୍ର, ଟାଙ୍କି, ରୁମ କୁଲର ଇତ୍ୟାଦି ଦୁଇରୁ ତିନି ଦିନରେ ଥରେ ସଫା କରି ପାଣି ବଦଳାଇବା, ପୂରା ଦେହକୁ ଘୋଡାଇ ରଖିଲା ପରି ପୋଷାକ ପିନ୍ଧିବା ତଥା ନିୟମିତ ମଶାରୀ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥାଏ। ଆଉ ମଧ୍ୟ ଘର ଚାରିପାଖରେ ଥିବା ବ୍ୟବହାର ହେଉ ନଥିବା ମାଠିଆ, ଅଦରକାରୀ ଟାୟାର, ପଇଡ ଖୋଳପା ଆଦି ପଦାର୍ଥ ମାନଙ୍କରେ ଜମିଥିବା ପାଣିରେ ଏଡିସ୍ ମଶା ବଂଶବୃଦ୍ଧି କରିଥାନ୍ତି, ତେଣୁ ସେଗୁଡ଼ିକୁ ତରୁନ୍ତ ପରିଷ୍କାର କରନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ବୋଲି କୁହାଯାଏ। ମାତ୍ର ବରଗଡ଼ ସରକାରୀ ବସଷ୍ଟାଣ୍ଡ ପରିସରରେ ଗଦା ହୋଇଥିବା ଶହ ଶହ ପୁରୁଣା ଟାୟାର। ଯେଉଁ ଟାୟାରରେ ପାଣି ଜମି ଯେ କୌଣସି ମୁହୂର୍ତ୍ତରେ ଡେଙ୍ଗୁ ଜ୍ୱରର ବାହାକ ଏଡିସ ମଶା ବଂଶ ବୃଦ୍ଧି ପାଇବାର ଆଶଙ୍କା ଦେଖାଦେଇଛି। ଏପରିସ୍ଥିତିରେ ବସଷ୍ଟାଣ୍ଡ କର୍ତ୍ତୃପକ୍ଷ ତଥା ଜିଲ୍ଲା ପ୍ରଶାସନ ଉପରୋକ୍ତ ଟାୟାରଗୁଡ଼ିକ ତୁରନ୍ତ ସ୍ଥାନାନ୍ତରିତ କରିବା ସହିତ ପରିବେଶ ସଫା କରିବା ଜରୁରୀ ହୋଇପଡ଼ିଛି।

# ପରିବେଶ, ଗଣତନ୍ତ୍ର ଓ ଧର୍ମ ସଚେତନତା ସଭା

**ଝାରବନ୍ଧ, ୨।୭(ସମିସ):** ପରିବେଶ, ଗଣତନ୍ତ୍ର, ଧର୍ମ ସଚେତନତା ସୃଷ୍ଟି କରିବା ପାଇଁ ଅନନ୍ତ ବଳିଆ ଟ୍ରଷ୍ଟ ଓ ବିଶ୍ୱ ଗଛ ରାଜ୍ୟ ଶାନ୍ତି, ଚତୁର୍ଥ ଗଛ ପରିବାର ଶାନ୍ତି ଓ ପଞ୍ଚମ ଗଛ ନିଜର ଶାନ୍ତି ପାଇଁ ଲଗାଇବା ଆବଶ୍ୟକ। ସେହିପରି




ଗଣତନ୍ତ୍ର ସୁରକ୍ଷା ଅର୍ଥ ଜଙ୍ଗଲ, ପଶୁ, ପକ୍ଷୀ, ଜଳ, ମାଟି, ବାୟୁ ସୁରକ୍ଷା ସହ ପ୍ରଦୂଷଣ ମୁକ୍ତ କରିବା। ଧର୍ମ, ଜାତି, ସମ୍ପ୍ରଦାୟ ପରିବର୍ତ୍ତେ ଧର୍ମର ପ୍ରତୀକ ସୂର୍ଯ୍ୟ, ଚନ୍ଦ୍ର, ଆକାଶ, ପୃଥିବୀ, ଅଗ୍ନି ଆଦିଙ୍କୁ ଗ୍ରହଣ କରିବା ଉଚିତ ବୋଲି ବାବା ବଳିଆ ମତବ୍ୟକ୍ତ କରିଥିଲେ। ଝାରବନ୍ଧ ଜଗନ୍ନାଥ ସଂସ୍କୃତି ଓ ଗ୍ରାମବାସୀ ଦ୍ୱାରା ସନାତନ ସେବା ସଂଘ ଆନୁକୂଲ୍ୟରେ ଆୟୋଜିତ ସଚେତନ ଯାତ୍ରା ଝାରବନ୍ଧରେ ପଦାର୍ପଣ କରିଥିଲା। ପଦ୍ମଶ୍ରୀ ବାବା ବଳିଆ ଓ ସହଯୋଗୀ ଝାରବନ୍ଧ ପହଞ୍ଚିବା ପରେ

**ବିଶ୍ୱ, ଦେଶ, ରାଜ୍ୟ, ପରିବାର ଓ ସ୍ୱ-ଶାନ୍ତି ପାଇଁ ୫ ଗଛ ଲଗାନ୍ତୁ**

**ପଦ୍ମଶ୍ରୀ ବାବା ବଳିଆ**

ଆୟୋଜିତ ଏକ ଦିବସୀୟ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ବାବା ବଳିଆଙ୍କୁ ନନ୍ଦ କିଶୋର ଅଗ୍ରୱାଲ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ ବିଦ୍ୟାଳୟର ସଂସ୍କୃତ ଶ୍ରୀ ଜଗନ୍ନାଥ ମନ୍ଦିର ଠାରୁ ଏକ ଆଧାତ୍ମିକ ଶୋଭାଯାତ୍ରାରେ କାର୍ଯ୍ୟକ୍ରମ ସ୍ଥଳ ହାଇସ୍କୁଲ ପରିସର ମଞ୍ଚକୁ ନିଆ ଯାଇଥିଲା। ବାବା ବଳିଆ ସମସ୍ତେ ପରିବେଶ ବଞ୍ଚାଇବା ପାଇଁ ୫ଟି ଗଛ ଲଗାଇବାକୁ ମାର୍ଗଦର୍ଶନ ଦେଇଥିଲେ। ପ୍ରଥମ ଗଛ ବିଶ୍ୱ ଶାନ୍ତି, ଦ୍ୱିତୀୟ ଗଛ ଦେଶ ଶାନ୍ତି, ତୃତୀୟ ଶିକ୍ଷୟିତ୍ରୀ ଅନୁପମା ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଗ୍ରାମବାସୀଙ୍କ ସହ ସଂକୀର୍ତ୍ତନ ମଣ୍ଡଳୀ, ସମ୍ପ୍ରଦା ମଣ୍ଡଳୀ ଓ ପାଇକମାଲର ବସନ୍ତ ବିଶ୍ୱାଳ, ସୁବ୍ରତ ବିଶ୍ୱାଳ, ସୁଶାନ୍ତ ସାହୁ, ବିଜୟ ମହାରଣା, ସରୋଜ ସାମଲ ସହଯୋଗ କରିଥିଲେ।

# ବୈଦ୍ୟୁତିକ ଉପକରଣ କମ୍ପାନୀ କେନନ ଖାଉଟି ଅଦାଲତରେ ଦଣ୍ଡିତ

**ବରଗଡ଼, ୨।୭ (ସମିସ)**

ବରଗଡ଼ ଖାଉଟି ଅଦାଲତରେ ଦଣ୍ଡିତ ହୋଇଛି ବୈଦ୍ୟୁତିକ ଉପକରଣ ଉତ୍ପାଦନକାରୀ ସଂସ୍ଥା କେନନ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ଓ ବରଗଡ଼ରେ ଥିବା ସାଇରାମ କମ୍ପ୍ୟୁଟରର ସତ୍ୱାଧିକାରୀ। ସୁଜିତ କୁମାର ରଥ ଓ ସୁବଳ କୁମାର ସାହୁଙ୍କ ସ୍ଥାନୀୟ ଗାନ୍ଧୀ ଛକରେ ଏକ ଅନଲାଇନ କମ୍ପ୍ୟୁଟର ଦୋକାନ ଅଛି। ଉକ୍ତ ଦୋକାନ ପାଇଁ ସେମାନେ ୨୦୨୨ ମସିହା ଜୁନ ୨୯ ତାରିଖ ଦିନ ନିକଟସ୍ଥ ସାଇରାମ କମ୍ପ୍ୟୁଟରର ଦୋକାନରୁ କେନନ କମ୍ପାନୀ ଏ୩୦୦୦ ମଡେଲର ୧୩ହଜାର ୩୦୫ଟଙ୍କା ମୂଲ୍ୟର ଏକ ପ୍ରିଣ୍ଟର କିଣିଥିଲେ ଯାହାକି ୪ ମାସ ପରେ ଖରାପ ହୋଇଯାଇଥିଲା। ପ୍ରିଣ୍ଟର ୱାରେଣ୍ଟି ୧ ବର୍ଷ ଥିବାରୁ ତଥା ଏହାର ନିର୍ମାଣଗତ ତ୍ରୁଟି ଯୋଗୁଁ କ୍ରେତା ମାନେ ଏହାକୁ ବଦଳେଇ ଦେବାକୁ ସମ୍ପୃକ୍ତ ଦୋକାନୀଙ୍କୁ ଅନୁରୋଧ କରିଥିଲେ। ବାରମ୍ବାର ମରାମତି ପାଇଁ ଅନୁରୋଧ କରିବା ସତ୍ତ୍ୱେ ସାଇରାମ କମ୍ପ୍ୟୁଟରର ମାଲିକ ଏହାକୁ କର୍ଣ୍ଣପାତ କରି ନଥିଲେ। ଶେଷରେ ଉଭୟ ବରଗଡ଼ ଖାଉଟି ଅଦାଲତର ଆଶ୍ରୟ ନେଇଥିଲେ। ଖାଉଟି ଅଦାଲତର ସଭାପତି ଜିଗିଷା ମିଶ୍ର ଓ ସଭ୍ୟ ଅଞ୍ଜୁ ଅଗ୍ରୱାଲ ଏହି ମାମଲାର ଶୁଣାଣି କରି ପ୍ରିଣ୍ଟରର ଦାମ ୧୩ ହଜାର ୩୦୫ ଟଙ୍କା ସହ ୯ ପ୍ରତିଶତ ସୁଧ ଅଭିଯୋଗକାରୀ ଦ୍ୱୟଙ୍କୁ ଫେରସ୍ତ କରିବା ପାଇଁ କେନନ୍ କମ୍ପାନୀ ଓ ବିକ୍ରେତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଖାଉଟି ସେବା ଦେବାରେ ଅବହେଳା ପାଇଁ ୪୦ ହଜାର ଏବଂ ମୋକଦ୍ଦମା ପରିଚାଳନା ଖର୍ଚ୍ଚ ବାବଦକୁ ୧୦ ହଜାର ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୩୦ ଦିନ ମଧ୍ୟରେ ନିର୍ଦ୍ଦେଶ କାର୍ଯ୍ୟକାରୀ ନହେଲେ ସମ୍ପୂର୍ଣ୍ଣ ଫାଇନ ଟଙ୍କାର ବାର୍ଷିକ ୧୨ ପ୍ରତିଶତ ସୁଧ ସହ ଅଭିଯୋଗକାରୀ ଦ୍ୱୟଙ୍କୁ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମନୀଷା ମିଶ୍ର ମାମଲା ପରିଚାଳନା କରୁଥିଲେ।

# ଡାକ୍ତର ଦିବସ ଉପଲକ୍ଷେ ମାଗଣା ସ୍ୱାସ୍ଥ୍ୟ ଶିବିର

**ବରଗଡ଼, ୨।୭(ସମିସ):** ପ୍ରସିଦ୍ଧ ଡାକ୍ତର ତଥା ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଧାନ ଚନ୍ଦ୍ର ରାୟଙ୍କୁ



ସମ୍ମାନ ଜଣାଇ ୧୯୯୧ ମସିହା ଜୁଲାଇ ୧ ତାରିଖ ଠାରୁ ଜାତୀୟ ଡାକ୍ତର ଦିବସ ପାଳନ କରାଯାଇ ଆସୁଛି। ଚିକିତ୍ସା କ୍ଷେତ୍ରରେ ଡାକ୍ତରଙ୍କ ଅବଦାନ ସବୁବେଳେ ଅତୁଳନୀୟ ସେଥିପାଇଁ ସମସ୍ତେ ଡାକ୍ତର ମାନଙ୍କୁ ଭଗବାନଙ୍କ ଦ୍ୱିତୀୟ ଅବତାର ବୋଲି କହିଥାନ୍ତି। ଏହି ଦିବସରେ ବରଗଡ଼ ଭଟଲି ଛକ ସ୍ଥିତ ଡାକ୍ତର ଶକ୍ତି ଓ ଡାକ୍ତର ଇପ୍ସିତା କ୍ଲିନିକ୍ ଠାରେ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଶହ ଶହ ସଂଖ୍ୟାରେ ରୋଗୀ ଆସି ଶିବିରରେ ପରାମର୍ଶ କରିଥିଲେ। ବରଗଡ଼ର ବିଶିଷ୍ଟ ଚକ୍ଷୁରୋଗ ବିଶେଷଜ୍ଞ ଡା. ସୁବଳ କର, ସିଡିଏମଓ ନିରୁପମା ଷଡଙ୍ଗୀ, ଡିଷ୍ଟ୍ରିକ୍ଟ ଏଡମିଷ୍ଟ୍ରିଟିଭ ଅଫିସର ଇପ୍ସିତା ପାତ୍ରଙ୍କ ଦ୍ୱାରା ଶବିର ଉଦ୍‌ଘାଟିତ ହୋଇଥିଲା। ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଡା.ଅଶ୍ୱିନୀ ଭୋଇ, ଅବସରପ୍ରାପ୍ତ ଇଂଜିନିୟର ତଥା କବି ଦିବ୍ୟ କିଶୋର ଦେବତାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।




# କବିତା ସଙ୍କଳନ 'ମୋ ଦେହଳୀର ସ୍ପନ୍ଦନ' ଉନ୍ମୋଚିତ



**ବରଗଡ଼, ୨।୭ (ସମିସ):** ସ୍ଥାନୀୟ ଗାନ୍ଧୀ ଭବନ ପରିସର ମଧ୍ୟରେ ଅଧ୍ୟାପକ ମନୋଜ ଆଚାର୍ଯ୍ୟଙ୍କ ଦ୍ୱିତୀୟ କବିତା ସଂକଳନ 'ମୋ ଦେହଳୀର ସ୍ପନ୍ଦନ' ଲୋକାର୍ପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ପୁସ୍ତକଟିକୁ ଲୋକାର୍ପିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ୟଙ୍ଗ କବି ମନୋରଞ୍ଜନ ସାହୁ, ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ ଓ ଅବସରପ୍ରାପ୍ତ ପ୍ରାଧ୍ୟାପକ ପୁରନ୍ଦର ନନ୍ଦ ଯୋଗଦାନ କରି ପୁସ୍ତକଟିର ସମୀକ୍ଷା କରିଥିଲେ। ଉକ୍ତ ଲୋକାର୍ପଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ପ୍ରିତମ ସିଂ, ସୁଶୀଳ କେଜରିୱାଲ, ଅଧ୍ୟାପକ ଝସକେତନ ପ୍ରଧାନ, ପୂର୍ବତନ ନଗରପାଳ ପ୍ରଶାନ୍ତ ବେହେରା, ଅଧ୍ୟାପକ ତିଳକ ରାମ ପ୍ରଧାନ, ମଣ୍ଟୁ ମହାପାତ୍ର ଓ ପ୍ରମୋଦ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ପୁସ୍ତକର ସ୍ରଷ୍ଟା ମନୋଜ ଆଚାର୍ଯ୍ୟ ଲେଖକୀୟ ଅନୁଭୂତି ବର୍ଣ୍ଣନା କରିଥିଲେ। ଶିଶୁ ସାହିତ୍ୟିକ ଡ. ରବିନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଗନ୍ନାଥ ବସ୍ ପଦ୍ମପୁର ଭାୟା ସମ୍ବଲପୁର ଦେଇ ଚଳାଚଳ ଦାବି

**ପଦ୍ମପୁର, ୨।୭ (ସମିସ):** ଜଗନ୍ନାଥଧାମ ପୁରୀ ତୀର୍ଥକ୍ଷେତ୍ର ପାଇଁ ରାଜ୍ୟସରକାର ଅତ୍ୟାଧୁନିକ ଜଗନ୍ନାଥ ବସ ସେବା ଆରମ୍ଭ କରିଛନ୍ତି। ଏହି ବସ ପ୍ରଥମେ ବରଗଡ଼ ଜିଲ୍ଲା ମୁଖ୍ୟାଳୟରୁ ଯାଉଥିଲା। ଚଳିତ ୧ତାରିଖ ରୁ ଏହା ସମ୍ପ୍ରସାରିତ ହୋଇ ପଦ୍ମପୁରରୁ ରାତି ୯.୩୦ ରେ ବାହାରି ସକାଳେ ପୁରୀରେ ପହଞ୍ଚୁଛି। ଏହି ବସରେ ମହିଳା ମାନଙ୍କୁ କିଲୋମିଟର ପ୍ରତି ୧ ଟଙ୍କା ଓ ପୁରୁଷ ମାନଙ୍କ ପ୍ରତି କିଲୋମିଟର ୨ ଟଙ୍କା ହିସାବରେ ଭଡ଼ା ନିଆଯାଉଛି। ମାତ୍ର ସବୁଠାରୁ ପରିତାପର ବିଷୟ ଯେ ଏହି ବସ ସିଧା ସମ୍ବଲପୁର ଭାୟା ଅନୁଗୁଳ ନଯାଇ କୁଆଡେ ନୟାଗଡ଼, ବୌଦ୍ଧ, ବିରମହାରାଜପୁର ବିନିକା, ବରଗଡ଼ରୁ ପଦ୍ମପୁର ଆସିବ। ଏ ନେଇ ଯାତ୍ରୀ ମହଲରେ ଅସନ୍ତୋଷ ସୃଷ୍ଟି ହେଉଛି। ସରକାର ଓ ପରିବହନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଯେପରି ରୁଟରେ ଏହି ବସ ଚାଲୁଥିଲା ସେହି ରୁଟରେ ଚଳାଇବା ପାଇଁ ଦାବି କରିଛନ୍ତି।

# ପାଇପ୍ ଫାଟି ରାସ୍ତାରେ ବହୁଛି ପିଇବା ପାଣି

**ପଦ୍ମପୁର, ୨।୭ (ସମିସ):** ପଦ୍ମପୁର ଏନଏସି ଅଧିନରେ ଥିବା ୱାର୍ଡ଼ ନମ୍ବର ୨ ଶାନ୍ତିନଗରରେ ପାନୀୟ ଜଳଯୋଗାଣ ପାଇଁ ମାଟି ତଳେ ଯାଇଥିବା ପାଇପ ଲାଇନ ଫାଟି ରାସ୍ତା ଉପରେ ପାଣି ବୋହୁଛି। ଏନେଇ ପଡ଼ାବାସିନ୍ଦା ମାନେ ବାରମ୍ବାର ଜନସ୍ୱାସ୍ଥ ଯନ୍ତ୍ରୀଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ମରାମତି କରୁନାହାନ୍ତି। ଏହି ଦୂଷିତ ପାଣି ପୁଣି ଯୋଗାଣ ହେଉଥିବାରୁ ଲୋକେ ବିଭିନ୍ନ ସଂକ୍ରମଣର ଶିକାର ହେବା ଆଶଙ୍କା ରହିଛି। ଶୀଘ୍ର ଏହି ପାଇପ୍ ଲାଇନର ମରାମତି କରିବା ପାଇଁ ଦାବି ହେଉଛି।



# ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ଗୁଦେରପାଲି, ୨।୭(ସମିସ):** ପଦ୍ମପୁର ଉପଖଣ୍ଡ ବିଜେପୁର ବ୍ଲକ ଅନ୍ତର୍ଗତ ଭଟିଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମମିଷ୍ଟର ସାହୁଙ୍କୁ ଆଜି ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। କୁଳଦୀପ ସାହୁଙ୍କ ସଭାପତିତ୍ୱରେ ଉକ୍ତ ସଭାରେ ବିଜେପୁର ଗୋଷ୍ଠୀ ଶିକ୍ଷାଧିକାରୀ ସୁରେଶ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ଏବିଇଓ ଦିବାକର ବରିହା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ସିଆରସିସି ତ୍ରିନାଥ ସେଠ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ଥିଲେ। ସହକାରୀ ଶିକ୍ଷକ ଲଳିତ ମହାନ୍ଦ ମଞ୍ଚପରିଚାଳନା କରିଥିବା ବେଳେ ରୁପେଶ ପ୍ରଧାନ ଉଦ୍ଦେଧଶ୍ୟ ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଦାମା ପଧାନ, ଲମ୍ବୋଦର ଭୋଇ, ନିଳାଚଲ ସାହୁ, କିଶୋର ସାହୁଙ୍କ ସମେତ ସ୍କୁଲ ପରିଚାଳନା କମିଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ସୁନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ଉପଢୌକନ ମାନପତ୍ର ପ୍ରଦାନ କରିଥିଲେ। ମହିଳା ସଂକୀର୍ତ୍ତନରେ ଗାଁ ପରିକ୍ରମା କରି ବିଦାୟୀ ଶିକ୍ଷକଙ୍କୁ ବିଦାୟ ଦେଇଥିଲେ।

# ଜିଲ୍ଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା ପ୍ରସ୍ତୁତି

**ଝାରସୁଗୁଡ଼ା, ୨।୭(ସମିସ):** ଝାରସୁଗୁଡ଼ା ମନମୋହନ ସ୍କୁଲପଡ଼ିଆଠାରେ ଜୟହିନ୍ଦ୍ କ୍ଲବ୍ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଲିଗ କମ୍ ନକ୍‌ଆଉଟ୍ ଫୁଟବଲ ପ୍ରତିଯୋଗିତାର ଆଜି ଗୋଲପୋଷ୍ଟ ପୂଜା ଅନୁଷ୍ଠିତ ହୋଇ ଥିଲା। ଏହି ଫୁଟବଲ ପ୍ରତିଯୋଗିତା ଚଳିତ ମାସ ୧୭ ତାରିଖରୁ ଆରମ୍ଭ ହେବ। ଏ ବର୍ଷ ୧୨ ଟି ଦଳ ଲିଗ କମ୍ ନକଆଉଟ୍ ଫୁଟବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଆଜି ଗୋଲପୋଷ୍ଟ ପୂଜା ଉପଲକ୍ଷେ ସ୍କୁଲ ପଡ଼ିଆ ରେ ଏକ ପ୍ରର୍ଦଶନୀ ଫୁଟବଲ ମ୍ୟାଚ ନବଯୁବକ ସଂଘ ବଢେଇ ମୁଣ୍ଡା ଓ ଜୟ ଯବାନ କ୍ଲବ୍ ସରବାହାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨-୧ ଗୋଲରେ



ଜୟ ଯବାନ କ୍ଲବ୍ ବିଜୟୀ ହୋଇଥିଲା। ଓଡ଼ିଶା ହକି ଆସୋସିସନରର ଉପ-ସଭାପତି ଜୀବନ ମହାନ୍ତି ଅତିଥିଭାବରେ ଯୋଗଦେଇଥିଲେ। ଏହି ଖେଳକୁ ଅରୁଣ ମୁଣ୍ଡା, ସଞ୍ଜୟ କିଶାନ ଓ ହିମାଶୁ କିଶାନ ପରିଚାଳନା କରିଥିଲେ।

# ନୂଆ ଅପରାଧିକ ଆଇନ ସଚେତନତା କାର୍ଯ୍ୟକ୍ରମ

**ବ୍ରଜରାଜନଗର, ୨।୭(ସମିସ):** ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବ୍ରଜରାଜନଗର ଥାନା ସଭାଗୃହରେ ନୂତନ ଅପରାଧିକ ଆଇନ ଲାଗୁ ସକାଶେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଓକିଲ ସଂଘ ସଭାପତି ରାଧାକାନ୍ତ ସା ମୁଖ୍ୟ ଅତିଥି, ବରିଷ୍ଠ ଆଇନଜୀବୀ ସୁନୀଲ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନୂଆ ଆଇନରେ ଏକ ଆଧୁନିକ ନ୍ୟାୟ ବ୍ୟବସ୍ଥା ଅଣାଯିବ, ଯେଉଁଥିରେ ଜିରୋ ଏଫଆଇଆର, ପୁଲିସ ଅଭିଯୋଗର ଅନଲାଇନ ପଞ୍ଜିକରଣ, ସମସ୍ତ ଜଘନ୍ୟ ଅପରାଧ ପାଇଁ ଅପରାଧିକ ଦୃଶ୍ୟର ବାଧ୍ୟତାମୂଳକ ଭିଡିଓଗ୍ରାଫି ଭଳି ବ୍ୟବସ୍ଥା ଅନ୍ତର୍ଭୁକ୍ତ ଥିବା କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଥିଲା। ଲୋଇସିଂହ ସରପଞ୍ଚ ସନାତନ ରୋହିଦାସ, ଚାନ୍ଦନୀମାଲ ଲକ୍ଷ୍ମୀଧର ମିଶ୍ର, ଗୌଡ଼ମାଲ ସରପଞ୍ଚ ରାଜକୁମାର ସାଏ, କୁଦୋପାଲି ସରପଞ୍ଚ କଲ୍ୟାଣି ଦୀକ୍ଷିତ, ମୁରଲୀ ଶର୍ମା, ମହେଶ ମୁଳି, ଅମରେନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏସ୍‌ଆଇ ପ୍ରଦୀପ ସାହୁ, ଲକ୍ଷ୍ମୀପ୍ରିୟା ମଲ୍ଲିକ, ମମି ସାହୁ, ସୁରଜ ପାନା, ଏଏସ୍‌ଆଇ ଅଭୟ ମହାନ୍ତି, ଦିଲୀପ ବାଗ ପ୍ରମୁଖ ସହଯୋଗ କରିଥିଲେ।

# ହିନ୍ଦୀ ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



**ଅମ୍ବାଭୋନା, ୨।୭(ସମିସ):** ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ରେ ହିନ୍ଦୀ ଶିକ୍ଷକ ରାଧେଶ୍ୟାମ ବାରିକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପରିଚାଳନା କମିଟିର ଅଧ୍ୟକ୍ଷ ସାନନ୍ଦ ଦେହେରୀ, ମୋ ସ୍କୁଲ ଅଭିଯାନର ଅଧ୍ୟକ୍ଷ ପ୍ରେମ କିଶୋର ପଟେଲ, ଶିକ୍ଷକ ତେଜରାମ ସା, ସଞ୍ଜୟ ଖମାରୀ, ଈଶ୍ୱର ପ୍ରଧାନ, ଶିକ୍ଷୟିତ୍ରୀ ସୌଦାମିନୀ ବାରିକ ବିଦାୟୀ ଶିକ୍ଷକଙ୍କ ସହ ବିତାଇଥିବା ସମୟର ଅନୁଭୂତି ବର୍ଣ୍ଣନା କରିଥିଲେ। ଶିକ୍ଷକ ବୋଧରାମ ବିଶ୍ୱାଳ, ଜ୍ୟୋତିଶ୍ଚନ୍ଦ୍ର ପଧାନ, ଆଶୁତୋଷ ଭୋଇ, ଅଶୋକ ଦାସ, ପଦ୍ମଲୋଚନ ବିଶି, ସୁବାସ ଚନ୍ଦ୍ର ଖମାରୀ, ଅଙ୍କିତ ମହନ୍ତ, ଅମୂଲ୍ୟ ଭୋଇ, ଆଲୋକ ଭୋଇ, ଅନୀଲ ସିଦାର, ଶିକ୍ଷୟିତ୍ରୀ ରାଜକୁମାରୀ ଭୁଏ, ଅନୀତା ପଧାନ, ସଙ୍ଗୀତା ସାହୁ, ରଞ୍ଜୁ ବଣିଆ, ତାରାବତୀ ସାହୁ, ଭାରତୀ ସେଠ୍, ରୁକୁଣୀ ସେଠଙ୍କ ସମେତ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ବନ ମହୋତ୍ସବ

**ଝାରସୁଗୁଡ଼ା, ୨।୭ (ସମିସ)**

ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟ ଦ୍ୱାରା ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଛି।






ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟ (ବିଇଏମ୍ ଏସ୍) ରେ ସୋମବାର ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟିଆରଏଲ୍ କ୍ରୋସାକି କମ୍ପାନୀର ପରିବେଶ ବିଭାଗର ବରିଷ୍ଠ ଅଧିକାରୀ ସୁଶାନ୍ତ ସରକାର ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ରହି ଚାରାରୋପଣ କରିଥିଲେ। ସମ୍ମାନିତ ଅତିଥି ଭାବରେ କମ୍ପାନୀର ପରିବେଶ ବିଭାଗର ନିମାଇଁ ଚରଣ ପ୍ରଧାନ, ଆଶୁତୋଷ ପ୍ରଧାନ, ବିଦ୍ୟାଳୟର ଭାଇସ୍ ପ୍ରିନ୍ସିପାଲ ବିଜୟ କୁମାର ଗୌଡ଼ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରିନ୍ସିପାଲ ଅଭୟ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇକୋକ୍ଲବ୍ ଇନଚାର୍ଜ ଶିକ୍ଷକ ହମିଦ କୁମାର ମହାପାତ୍ର ସୂଚନା ଦେଇଛନ୍ତି ଯେ ଏହି ସାତ ଦିନ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗିତା ଯଥା ଚାରା ରୋପଣ, ରାଲି, ବକ୍ତବ୍ୟ, ସ୍ଲୋଗାନ୍ ଲେଖିବା, ପ୍ଲାକାର୍ଡ ତିଆରି, ଚିତ୍ରାଙ୍କନ, ଗଛ ଲଗାଅ ସେଲଫି ଉଠାଅ ଇତ୍ୟାଦି ଆୟୋଜନ କରାଯିବ। ଟିଆରଏଲ କ୍ରୋଶାକି କମ୍ପାନୀ ଦ୍ୱାରା ସମସ୍ତ ଚାରା ଯୋଗାଇ ଦିଆଯାଇଥିଲା। ଶାନ୍ତି ନାୟକ ଏବଂ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।

## ବନାଞ୍ଚଳ ଓ ବରିହାପାଲିରେ ବନ ମହୋତ୍ସବ

ଝାରସୁଗୁଡ଼ା ବନଖଣ୍ଡ ତଥା ବେଲପାହାଡ଼ ବନାଞ୍ଚଳ ଓ ବରିହାପାଲି ଗ୍ରାମବାସୀ ଦ୍ୱାରା ଲଖନପୁର ବ୍ଲକର ବାଗମୁଣ୍ଡା ବିଭାଗ ଅଧୀନ ବରିହାପାଲି ଗାଁର ଜିଏମ୍‌ଏମ୍ ସହରୀ ଚାରା ରୋପଣ ଅଞ୍ଚଳରେ ବନ ମହୋତ୍ସବ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଲଳିତ ନାୟକ ଅଂଶଗ୍ରହଣ କରିଥିବାବେଳେ ବେଲପାହାଡ଼ ବନାଞ୍ଚଳର ରେଞ୍ଜ ଅଫିସର ଶର୍ମିଳି ନାୟକ, ସୁନାରୀ ସରପଞ୍ଚ ନନ୍ଦିନୀ ସାହୁ, ବରୀହାପାଲି ଗୌନ୍ତିଆ ଦେବେନ୍ଦ୍ର ଦୀକ୍ଷିତ, ମିଶନ ପ୍ଲାଣ୍ଟେସନ ୱିତ ଫିଟନେସ ଗ୍ରୁପ୍ ମୁଖ୍ୟ ହମିଦ କୁମାର ମହାପାତ୍ର, ସୁନାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ଷେତ୍ରମୋହନ ସୁନାନୀ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଏହି ମହୋତ୍ସବ ପାଳନ କରିବାର ଉଦ୍ଦେଶ୍ୟ ବୁଝାଇଥିଲେ, ରେଞ୍ଜ ଅଫିସର ଶର୍ମିଳି ନାୟକ ଏକ ଚାରାରୋପଣ ଏବଂ ଏହାକୁ ବଡ଼ କରିବାରେ ସମସ୍ତଙ୍କର ଭୂମିକା ବିଷୟରେ କହିଥିଲେ। ମୁଖ୍ୟତଃ ମା'ଙ୍କ ନାମରେ ଗୋଟିଏ ଗଛ ଲଗାଇବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହିଅବସରରେ ଫରେଷ୍ଟର ଡୋଲାମଣି ନାୟକ, ସରୋଜ କୁମାର ଭୋଇ, ଆଶାରାନୀ ବେହେରା, ଫରେଷ୍ଟର ସୁରେନ୍ଦ୍ର ଖମାରି, ଭାଗୀରଥୀ ପ୍ରଧାନ, ତେଜସ୍ୱିନୀ ସା, ସୁରେଶ ତରାଇ, ଏଫ୍‌ଏମ୍‌ୟୁ କର୍ମଚାରୀ ସୁବ୍ରତ ଚଢ଼ା ଏବଂ ବନ ବିଭାଗର ଅନ୍ୟ ସଦସ୍ୟ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ।

## ଛୁଆଲିବେର୍ଣ୍ଣା ନରସିଂହ ହାଇସ୍କୁଲରେ ମହୋତ୍ସବ ପାଳିତ

ଛୁଆଲିବେର୍ଣ୍ଣା ନରସିଂହ ହାଇସ୍କୁଲରେ ବନମହୋତ୍ସବ ସପ୍ତାହ ପାଳିତ ହୋଇଛି। ମୁଖ୍ୟଅତିଥି ଭାବରେ ବ୍ରଜରାଜନଗର ବନାଞ୍ଚଳର ରେଞ୍ଜ ଅଧିକାରୀ ରିସନା ଜାମ୍ ଡାଲିଆ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବରେ ହମିଦ କୁମାର ମହାପାତ୍ର, ଦେବେନ୍ଦ୍ର ପ୍ରଧାନ, ଶୁକଦେବ ପ୍ରଧାନ ଓ ବ୍ରଜରାଜନଗର ବନାଞ୍ଚଳର ଡେପୁଟି ରେଞ୍ଜ ଅଫିସର ସୁଦେଷ୍ନା ପ୍ରଧାନ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ହୃଷୀକେଶ ପାତ୍ର ସଭାପତିତ୍ୱ କରିଥିବା ବେଳେ ଇକୋ କ୍ଲବ ଶିକ୍ଷକ ପଞ୍ଚାନନ ପାଣିଗ୍ରାହୀ ପରିଚାଳନା କରିଥିଲେ। ଏମପିଏଫ୍‌ର ହମିଦ କୁମାର ମହାପାତ୍ର ବନମହୋତ୍ସବ ପାଳନର ଯଥାର୍ଥତା ସମ୍ବନ୍ଧରେ ଉଲ୍ଲେଖ କରିଥିଲେ। ପ୍ରଧାନଶିକ୍ଷକ ହୃଷିକେଶ ପାତ୍ର ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ନିଜ ଜନ୍ମଦିନରେ ବିଦ୍ୟାଳୟ ପରିସରରେ ଗଛ ଲଗାଇବାକୁ ଆହ୍ୱାନ ଦେଇଥିଲେ। ଶିକ୍ଷକ ରତ୍ନାକର ମହାରଣା, ରାଧାକାନ୍ତ ବାରିକ, କର୍ମଚାରୀ ଦୟାନିଧି ପ୍ରଧାନ, ରଞ୍ଜିତ ସା, ଚିତ୍ର ପାତ୍ର, ଫରେଷ୍ଟର ଗୌରାଙ୍ଗ ସାହୁ ଏବଂ ଉପେନ୍ଦ୍ର ବେସନ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

# ଷ୍ଟେଟ୍‌ବ୍ୟାଙ୍କ ପକ୍ଷରୁ ସ୍ଥାପନା ଦିବସ ପାଳିତ

**ଝାରସୁଗୁଡ଼ା, ୨।୬(ସମିସ):** ଭାରତୀୟ ଷ୍ଟେଟ୍‌ବ୍ୟାଙ୍କର ୬୯ତମ ସ୍ଥାପନା ଦିବସ ପାଳନ ଅବସରରେ ଝାରସୁଗୁଡ଼ା କ୍ଷେତ୍ରୀୟ ବ୍ୟବସାୟ କାର୍ଯ୍ୟାଳୟ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସ୍ଥାନୀୟ ଜିଲ୍ଲା କାରାଗାରର ଅନ୍ତେବାସୀମାନଙ୍କ ବ୍ୟବହାର ନିମନ୍ତେ ଦୁଇଟି ଜଳ ବିଶୋଧକ ଯନ୍ତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ଉପ ମହାପ୍ରବନ୍ଧକ ସଞ୍ଜୟ କୁମାର ଝା ଓ କ୍ଷେତ୍ରୀୟ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ଚୌଧୁରୀ ଅସ୍ୱିନ ଅନୁପମ ପ୍ରହରାଜ ଉପସ୍ଥିତ ଥିଲେ। ବ୍ୟାଙ୍କ ତରଫରୁ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟରେ ୨୦୦ଟି ଚାରାରାପଣ, ସୁଲଡିହାପଡ଼ାସ୍ଥିତ ବୃଦ୍ଧାଶ୍ରମ ଅନ୍ତେବାସୀମାନଙ୍କ ନିମନ୍ତେ ରାସନ ସାମଗ୍ରୀ ବିତରଣ ଓ ମାଲିମୁଣ୍ଡା ଗ୍ରାମରେ ପ୍ରାୟ ୨୦୦ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଶିବିର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ କ୍ଷେତ୍ରୀୟ




କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ଚୌଧୁରୀ ଅସ୍ୱିନ ପ୍ରହରାଜଙ୍କ ନେତୃତ୍ୱରେ ମୁଖ୍ୟ ପ୍ରବନ୍ଧକ ଅରୁଣ କୁମାର ହୋତା, ଟାଇରସ ଟପ୍ପୋ, ରବି କୁମାର, ପ୍ରବନ୍ଧକ ମାନସ ରଞ୍ଜନ ଡାଲୁଆ, ଉପ ପ୍ରବନ୍ଧକ ପ୍ରେମରଞ୍ଜନ କୁମାର, ସଞ୍ଜୟ କୁମାର ମୁଦୁଲିଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ବର୍ଷେ ବିତିଲା; ଲଖନପୁର ଗୋଷ୍ଠୀ ଶିକ୍ଷାଧିକାରୀ ପଦ ଖାଲି

**ଲଖନପୁର, ୨।୭ (ସମିସ):** ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ବ୍ଲକ ଭାବରେ ପରିଚିତ ଲଖନପୁର ବ୍ଲକ ଦୀର୍ଘ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବ୍ଲକ ଶିକ୍ଷା ଅଧିକାରୀ ପଦବୀ ଖାଲି ପଡ଼ିଛି। ସୂଚନା ଅନୁଯାୟୀ ଗତ ଜୁନ ୩୦ତାରିଖରୁ ଏହି ପଦବୀରେ




ଥିବା ଅଧିକାରୀ ରୁଦ୍ରନାରାୟଣ ପଧାନଙ୍କ ଅବସର ଗ୍ରହଣ କରିବା ପରେ ଅଦ୍ୟାବଧି ଏହି ବୃହତ ବ୍ଲକରେ ଏହି ପଦବୀ ଖାଲିଥିବା ବେଳେ ବିଭିନ୍ନ ସମୟରେ ନିକଟସ୍ଥ ବ୍ଲକ ଶିକ୍ଷାଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଉଥିଲେ ହେଁ ଲାଭ ଶୂନ। ଏହି ବୃହତ ବ୍ଲକରେ ୨୪୪ଟି ପ୍ରାଥମିକ ସହିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଥିବା ବେଳେ ପାଖାପାଖି ୨୮ ହଜାର ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଅନେକ ବିଦ୍ୟାଳୟରେ ଆବଶ୍ୟକରୁ କମ ଶିକ୍ଷକ ନିଯୁକ୍ତ ଥିବା ବେଳେ ଅନେକ ବିଦ୍ୟାଳୟରେ ଆବଶ୍ୟକତାଠାରୁ ଅଧିକ ଶିକ୍ଷକ ନିଯୁକ୍ତ ରହିଥିବା ବେଳେ ଏହି ବ୍ଲକର ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷ କରି ଏହି ବର୍ଷ ଅନେକ ଶିକ୍ଷକ ଅବସର ଗ୍ରହଣ କରିବା ପରେ ବିଦ୍ୟାଳୟ ଗୁଡିକରେ ଶିକ୍ଷକ ଅଭାବ ସାଙ୍ଗକୁ ଅବସର ଶିକ୍ଷକମାନଙ୍କ ପେନସନ ପ୍ରକ୍ରିୟାରେ ଅହେତୁକ ବିଳମ୍ବ ହେଉଥିବା ଦୃଷ୍ଟିଗୋଚର ହେଉଅଛି। ଏହି ବୃହତ ବ୍ଲକରେ ଜିଲ୍ଲା ଶିକ୍ଷା ଅଧିକାରୀ ସାଙ୍ଗକୁ ଅତିରିକ୍ତ ଗୋଷ୍ଠୀ ଶିଖା ଅଧିକାରୀ ପଦବୀ ତିନୋଟି ଜାଗାରେ ଦୁଇଜଣ ଥିବା ବେଳେ ବିଗତ ବର୍ଷେରୁ ଊର୍ଦ୍ଧ୍ୱ ସମୟ ହେବ ଗୋଟିଏ ପଦବୀ ଖାଲି ରହିଛି। ଏହି ସବୁ ସମସ୍ୟାକୁ ଦେଖିବାକୁ ଗଲେ ଏହି ବୃହତ ବ୍ଲକର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ସହିତ ଜିଲ୍ଲାପାଳ ଅବଗତ ଅଛନ୍ତି ନା ନାହିଁ ତାହା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଏହି ବୃହତ୍ ବ୍ଲକ ବୃହତ ସମସ୍ୟାକୁ ଅଗ୍ରାଧିକାର ଦେବା ସହିତ ସ୍ଥାୟୀ ବ୍ୟବସ୍ଥା ଗ୍ରହଣ କରିବା ସହିତ ହଜାର ହଜାର ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପଦକ୍ଷେପ ସୁନିଶ୍ଚିତ କରିବା ପାଇଁ ଅଞ୍ଚଳର ଅଭିଭାବକ, ବୁଦ୍ଧିଜୀବୀ, ପୂର୍ବତନ ଶିକ୍ଷକ ଶିକ୍ଷୟିତ୍ରୀ, ଅଞ୍ଚଳବାସୀ ଦାବି କରିଛନ୍ତି।

## ଛାତ୍ରର ସନ୍ଦେହଜନକ ମୃତ୍ୟୁଘଟଣା

# ହତ୍ୟା ପଛରେ ମା' ଓ ପ୍ରେମିକର ସମ୍ପୃକ୍ତି ଅଭିଯୋଗ

**ଦେବଗଡ଼, ୨।୭ (ସମିସ)**

ଦେବଗଡ଼ ପୌରାଞ୍ଚଳ ଅଧୀନ ବେଞ୍ଜାତିନାଳୀ ସାହିର ଜଣେ ଅଷ୍ଟମଶ୍ରେଣୀ ଛାତ୍ରର ସନ୍ଦେହଜନକ ମୃତ୍ୟୁ ଘଟଣା ଭିନ୍ନ ମୋଡ଼ ନେଇଛି। ମୃତ ଛାତ୍ର ହେଲେ କେନ୍ଦ୍ରୀୟ ବିଦ୍ୟାଳୟର ଅଷ୍ଟମଶ୍ରେଣୀର ଛାତ୍ର ମିକୁ ସୁନେଲ (୧୩)। ସୋମବାର ସକାଳେ ମିକୁ ଏବଂ ତାଙ୍କ ସାନ ଭଉଣୀ ଓଜୋସ୍ୱିନୀ ବିଦ୍ୟାଳୟ ଯିବାକୁ ବାହାରିଥିଲେ। ମାତ୍ର ଦୁଇ ଜଣ ଭିନ୍ନଭିନ୍ନ ବିଦ୍ୟାଳୟରେ ପଢୁଥିବାରୁ ତାଙ୍କ ମା' ପ୍ରଥମେ ଓଜୋସ୍ୱିନୀକୁ ଚିନ୍ମୟ ବିଦ୍ୟାଳୟକୁ ଛାଡିବାକୁ ଆସିଥିଲେ। ଝିଅକୁ ସ୍କୁଲରେ ଛାଡି ଘରକୁ ଯିବାପରେ ମିକୁ ଚଟାଣରେ ଅଚେତ ହୋଇପଡ଼ିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଦେବଗଡ଼ ଥାନା ପୁଲିସ ମୃତଦେହ ଜବତ କରିବା ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶବାଗାରରେ ବ୍ୟବଚ୍ଛେଦ ପାଇଁ ରଖିଥିଲେ। ମୃତ ଛାତ୍ରଙ୍କ ବାପା ଚେନ୍ନାଇରେ କାମ କରୁଥିବା ବେଳେ ସେ ପହଞ୍ଚିବା ପରେ ବ୍ୟବଚ୍ଛେଦ



କରାଯିବା ପାଇଁ ସ୍ଥିର କରାଯାଇଥିଲା। ମଙ୍ଗଳବାର ମୃତ ଛାତ୍ରର ବାପା କୁଳମଣି ସୁନେଲ ପହଞ୍ଚି ପୁଅର ମୃତଦେହ ଦେଖିବା ବେଳକୁ ଗାଲ, ବେକ ଓ ଶରୀରରେ କ୍ଷତଚିହ୍ନ ଦେଖିବା ପରେ ମିକୁକୁ ହତ୍ୟା କରାଯାଇଥିବା ନେଇ ମିକୁର ବାପା କୁଳମଣି ଓ ମଉସା ପ୍ରମୋଦ ନାଏକ ଅଭିଯୋଗ କରିବା ସହ ଏହି ଘଟଣାରେ ମୃତ ମିକୁର ମା ଲିଲି ସୁନେଲ ଓ ତାଙ୍କ ପ୍ରେମିକ ପାଲଲହଡା ଥାନା ଅଧୀନ ଗୁରୁଜାଙ୍ଗ ଗ୍ରାମର ରଞ୍ଜନ ନାଏକଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରି କୁଳମଣି ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅପରାହ୍ନରେ ଦେବଗଡ଼ ଥାନା ପୁଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତରେ ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ଚିତ୍ର ସ୍ପଷ୍ଟ ହେବ ବୋଲି ପୁଲିସ ପ୍ରକାଶ କରିଛି।

# ପୁରୀ ଗଲା ବ୍ରଜରାଜନଗରରୁ ତିନି ରଥର ବ୍ରେକ୍

**ବ୍ରଜରାଜନଗର, ୨।୭ (ସମିସ):** ବ୍ରଜରାଜନଗର ଯୋବ ଗ୍ରାମରୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଏଠାରେ ପ୍ରସ୍ତୁତି ହୋଇଥିବା ତିନି ରଥର ବ୍ରେକ୍ ମଙ୍ଗଳବାର ପୁରୀକୁ ନେଇ କାରିଗରମାନେ ଯାତ୍ରା କରିଛନ୍ତି। ଶ୍ରୀ ଗୁଣ୍ଡିଚାଯାତ୍ରାକୁ ଆଉ ମାତ୍ର ଅଳ୍ପ ଦିନ ଥିବାବେଳେ ତିନି ରଥରେ ବ୍ୟବହାର ହେଉଥିବା ବ୍ରେକ୍ ଓ କଣ୍ଟା ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗରରେ ନିର୍ମିତ ହୋଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ବ୍ରଜରାଜନଗରରୁ ଅଶ୍ୱିନୀ ମିଶ୍ର, ଜଗୁ ବେନିଆ, ତ୍ରିଲୋଚନ ବଢେଇ ଓ ଅନ୍ୟ ସାଥିମାନେ ତିନି ରଥରେ ଏହି ବ୍ରେକ୍ ଲଗାଇବା ପାଇଁ ପୁରୀ ଯାଇଛନ୍ତି। ବ୍ରେକ ଲଗାଇବା ଦ୍ୱାରା ବଡ଼ଦାଣ୍ଡରେ ରଥ ଗଡ଼ିବା ବେଳେ ଆବଶ୍ୟକ ସମୟରେ ରଥ ଆଟକାଇବା ପାଇଁ ବ୍ୟବହାର କରାଯାଏ। ୨୦୦୮ ମସିହାରେ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ବ୍ରଜରାଜନଗର ଅଞ୍ଚଳର ଏମସିଏଲ କୋଇଲା ଖଣିରେ କାର୍ଯ୍ୟରତ ଇଞ୍ଜିନିୟର ଅଶ୍ୱିନୀ ମିଶ୍ର ତାଙ୍କ ସହ ଖଣିରେ କାର୍ଯ୍ୟରତ ଜଗୁ ବେନିଆଁ, ନିଜର ଜ୍ଞାନ କୌଶଳରେ ଜଗୁଙ୍କ କମାରଶାଳରେ ହାତ ତିଆରି ଜୋଖିଆରେ ବ୍ରେକ ବନାଇ ପୁରୀ ନେଇକରି ଯାଇଥିଲେ। ସେଠାରେ ମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଅନୁମତି ମାଗିଥିଲେ ଯେ ତିନି ରଥରେ



ବ୍ରେକ ଲଗାଇବା ପାଇଁ ପରେ ଅନୁମିତ ମିଳିଥିଲା। ସେହି ବ୍ରେକ୍ ରଥ ଆଟକାଇବାରେ ସଫଳ ହୋଇଥିଲା। ସେବେଠାରୁ ଆଜି ପର୍ଯ୍ୟନ୍ତ ୧୭ ବର୍ଷ ହେବ ଇଞ୍ଜିନିୟର ଶ୍ରୀ ମିଶ୍ର, ଜଗୁ ବେନିଆ ପ୍ରଶାନ୍ତ ବେନିଆ, ତ୍ରିଲୋଚନ ବଢ଼େଇ ଓ ଧନୀରାମ ବାଗ ଏହି ବ୍ରେକ ଏବଂ ଏଥିରେ ଲାଗୁଥିବା କଣ୍ଟା ତିଆରି କରି ଆସୁଛନ୍ତି। ରଥର ଏହି ବ୍ରେକ ଲଗାଇବା ପାଇଁ ୯ ଇଞ୍ଚ ଚଉଡ଼ା, ୪୨ ଇଞ୍ଚ ଲମ୍ବା, ଅଧା ଇଞ୍ଚ ମୋଟା ରବର ନାଇଲନ ବେଲ୍ଟ ସହ ୧୫ କେଜି ନିହଣା କଣ୍ଟା, ୫ କେଜି ଜୁଖିଆ କଣ୍ଟା, ୨ କେଜି ୱାସର ଆବଶ୍ୟକ ପଡ଼େ। ଜଗୁ ବେନିଆ, ଶ୍ରୀ ମିଶ୍ର ଏବଂ ତାଙ୍କ ଟିମ ମିଶି ବ୍ରେକ ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀର ଖର୍ଚ୍ଚ ବହନ କରିବା ସହ ନିଜ ଖର୍ଚ୍ଚରେ ପୁରୀ ଯାଇ ସେଠାରେ ତିନି ରଥରେ ବ୍ରେକ୍ ଖଞ୍ଜନ୍ତି। ଯଦି ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ହସ୍ତକ୍ଷେପରେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ କାରିଗରଙ୍କୁ ଯିବା ଆସିବା ଖର୍ଚ୍ଚ ସହ ପୁରୀରେ ରହିବା ପାଇଁ ବ୍ୟବସ୍ଥା କରାଗଲେ ସୁବିଧା ହୁଅନ୍ତା ବୋଲି ଜଗୁ କହିଛନ୍ତି। ରଥ ଯାତ୍ରା ସମୟରେ ରଥ ଟାଣିବା ସହ ତିନି ଠାକୁରଙ୍କୁ ଦେଖିବା ପାଇଁ ପୁରୀରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ। ରଥକୁ ନିୟନ୍ତ୍ରଣ କରିବା ଏବଂ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ରଥରେ ବ୍ରେକର ଆବଶ୍ୟକତା ରହିଛି। ବଡ଼ଦାଣ୍ଡରେ ରଥ ଗଡ଼ିବାବେଳେ ବ୍ରେକ ଲଗାଗଲେ ଏଥିରେ ବ୍ୟବହାର ହେଉଥିବା ରବର ନାଇଲନ ବେଲ୍ଟ ମଧ୍ୟରେ ଘର୍ଷଣ ହେବାରୁ ରଥ ଠିକ ଭାବରେ ନିୟନ୍ତ୍ରଣ ହୋଇଥାଏ। ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ସେବା କରିବା ସୌଭାଗ୍ୟର ବିଷୟ ବୋଲି କହିଛନ୍ତି ଜଗୁ। ଯେତେଦିନ ପର୍ଯ୍ୟନ୍ତ ସୁଯୋଗ ମିଳିବ ଏହି ଦାୟିତ୍ୱ ତୁଲାଇବେ ବୋଲି କହିଛନ୍ତି ଜଗୁଙ୍କ ପୁଅ ପ୍ରଶାନ୍ତ ବେନିଆ। ବାପାଙ୍କ ଠାରୁ କାମ ଶିଖି ବ୍ରେକ ନିର୍ମାଣ କାର୍ଯ୍ୟ କରିବା ସହ ଠାକୁରଙ୍କ ସେବାରେ ନିୟୋଜିତ ରହିବୁ ବୋଲି ସେ କହିଛନ୍ତି।

# ସୁଭଦ୍ରା ଯୋଜନା ଲାଗୁ ହେବା ପୂର୍ବରୁ ଦଲାଲ ସକ୍ରିୟ

## ଗାଁ ଗାଁରେ ଫର୍ମ ଭରିବା ନାଁରେ ଟଙ୍କା ଆଦାୟ

**ସମ୍ବଲପୁର/ଝାରସୁଗୁଡା, ୨।୭ (ସମିସ):** ରାଜ୍ୟରେ ବିଜେପି ସରକାର ଆସିବା ପରେ ନିର୍ବାଚନୀ ଇସ୍ତାହାର ମୁତାବକ ସୁଭଦ୍ରା ଯୋଜନା ଲାଗୁ କରିବା ପାଇଁ ବିଚାର ବିମର୍ଷ ଚାଲିଛି। ହେଲେ ଯୋଜନା ଲାଗୁ ହେବା ପୂର୍ବରୁ



ଗାଁ ଗାଁରେ ଦଲାଲ ସକ୍ରିୟ ହେଲେଣି। ଗାଁକୁ ଯାଇ ଘର ଘର ବୁଲି କିଛି ଫର୍ମ ଦେଇ ଟଙ୍କା ଆଦାୟ କରିବାରେ ଲାଗିଛନ୍ତି। ଏପରିକି ଭିଡିଓ ଏବେ ସୋସିଆଲ ମିଡିଆରେ ଘୂରି ବୁଲୁଛି। ସୁଭଦ୍ରା ଯୋଜନାର କେବେ ଲାଗୁହେବ? ତାର ରୂପରେଖ କେମିତି ରହିବ? ଏନେଇ ଦସ୍ତାବିଜ କଣ ଦାଖଲ କରିବାକୁ ହେବ କିଛି ସ୍ଥିର ହୋଇନାହିଁ। ଏପରିକି ଫର୍ମ ମଧ୍ୟ ତିଆରି ହୋଇ ନାହିଁ। ହେଲେ କିଛି ଦଲାଲ ଗାଁରେ ନୀରିହ ଲୋକଙ୍କୁ ନକଲି ଫର୍ମ ବିକି କରିବା ସହ ଆବେଦନ ପାଇଁ ଟଙ୍କା ମଧ୍ୟ ନେବା ଅଭିଯୋଗ ଆସିଛି। ସମ୍ବଲପୁର, ବରଗଡ଼, ଝାରସୁଗୁଡା ଜିଲ୍ଲାରେ ଗାଁରେ ଗାଁରେ ଦଲାଲମାନେ ପହଞ୍ଚି ଟଙ୍କା ଆଦାୟ କରୁଛନ୍ତି। ଏପରି ଏକ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଘୂରି ବୁଲୁଛି। ଭିଡିଓଟି ଝାରସୁଗୁଡା ଜିଲ୍ଲାର ସୁଖାସୋଡା ଗାଁର ବୋଲି କୁହାଯାଉଛି। ଯେତେବେଳେ ଦୁଇଜଣ ଯୁବକ ଲାପଟପ ଓ କିଛି ଫର୍ମ ଧରି ସୁଖାସୋଡା ଗାଁରେ ପହଞ୍ଚିଛନ୍ତି ସେହି ସମୟରେ ଲୋକେ ମଧ୍ୟ କିଛି ବିଚାର ନକରି ଫର୍ମ ଆବେଦନ ପାଇଁ ଟଙ୍କା ଧରାଇ ଦେଉଛନ୍ତି। ତେବେ କିଛି ଯୁବକଙ୍କ ସନ୍ଦେହ ହେବା ଫଳରେ ସେମାନେ ଯୋଜନା ବାବଦରେ ସମ୍ପୂର୍ଣ୍ଣ ତଥ୍ୟ ଦେଇ ପାରୁନାହାନ୍ତି। ଟଙ୍କା ଆଦାୟ କରୁଥିବା ଦଲାଲ ଜଣକ ନିଜକୁ ମହେଶ ସାହୁ ବୋଲି ପରିଚୟ ଦେଉଥିବା ଭିଡିଓରୁ ସ୍ପଷ୍ଟ ଜଣାପଡୁଛି। ଏଠି ପ୍ରଶ୍ନ ଉଠୁଛି ଯେତେ ସରକାରୀ ସ୍ତରରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇ ନାହିଁ କିମ୍ବା କୌଣସି ଘୋଷଣା ମଧ୍ୟ ହୋଇ ନାହିଁ ତେବେ ଦଲାଲ ମାନେ ଫର୍ମ କେଉଁଠୁ ପାଇଲେ ଓ ଏମାନଙ୍କୁ ଟଙ୍କା ଆଦାୟର ଅଧିକାର କିଏ ଦେଲା। ଏନେଇ ସ୍ଥାନୀୟ ପୁଲିସ ଓ ପ୍ରଶାସନ ଏହା ଉପରେ ଗୁରୁତ୍ୱ ଦେବାକୁ ଦାବି ହେଉଛି।

# ରାଜପଥ ନିର୍ମାଣ ଦାବିରେ କେନ୍ଦ୍ର ପରିବହନ ମନ୍ତ୍ରୀଙ୍କୁ ଚିଠି

**ଝାରସୁଗୁଡ଼ା, ୨।୭ (ସମିସ):** ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ତାଙ୍କର ସଂସଦୀୟ କ୍ଷେତ୍ରର ବିକାଶ ଦିଗରେ ପଦକ୍ଷେପ ଆରମ୍ଭ କରିଛନ୍ତି। ମଙ୍ଗଳବାର ସାଂସଦ ଶ୍ରୀ ପୁରୋହିତ ତାଙ୍କ ସଂସଦୀୟ କ୍ଷେତ୍ର ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ୪୯ ନମ୍ବର ଜାତୀୟ ରାଜପଥର ଅବସ୍ଥାରେ ବହୁତ ଅସୁବିଧା ରହିଛି। ଦୁର୍ଘଟଣାରେ ବର୍ଷକୁ ଶତାଧିକ ଜୀବନ ହାନି ହେଉଛି। ତେଣୁ ଉକ୍ତ ରାଜପଥର ମରାମତି ଶୀଘ୍ର କରିବାକୁ କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ସେହିପରି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମଧ୍ୟ ୪୯ ନମ୍ବର ଜାତୀୟ ରାଜପଥକୁ ୬ ଥାକିଆ କରିବାକୁ ରାସ୍ତା ନିର୍ମାଣ କରିବାକୁ ମଧ୍ୟ ପତ୍ର ଲେଖିଛନ୍ତି।



# ଝାରସୁଗୁଡ଼ାରୁ ଚୋରି, ତାମିଲନାଡୁରୁ ୨ଗିରଫ



## ମୋବାଇଲ, ଲାପ୍‌ଟପ୍ ଜବତ

**ଝାରସୁଗୁଡ଼ା, ୨।୭ (ସମିସ):** ଝାରସୁଗୁଡ଼ା ଟାଉନ ଥାନା ଅଧୀନ ଅଦର୍ଶନଗର, ବୃନ୍ଦାବନ କଲୋନୀର ଚୋରି ଘଟଣାରେ ତାମିଲନାଡୁରୁ ୨ ଅପରାଧିଙ୍କୁ ଗିରଫ କରିବା ସହିତ ବ୍ୟାପକ ଚୋରି ସାମଗ୍ରୀ ଜବତ କରିଛି ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ତାମିଲନାଡୁର ନେଲୋର ଜିଲ୍ଲା ପେରିଆପଟ୍ଟନମର ମହେନ୍ଦ୍ର ଭେଙ୍କଟରମଣ ଓ ଓଟିଟି ମୋଥୁର ଗ୍ରାମର ପ୍ରକାଶ ଭେଙ୍କଟେସ (୧୯) ବୋଲି ଜଣାପଡ଼ିଛି।

ଗତ ୨୮ ତାରିଖ ମଧ୍ୟାନରେ ଅଦର୍ଶନଗର, ବୃନ୍ଦାବନ କଲୋନୀରେ ଭଡ଼ାରେ ରହୁଥିବା ସୋମନାଥ ମହତୋଙ୍କ ଘରୁ କେହି ନ ଥିବାର ସୁଯୋଗ ନେଇ ତାଲାଭାଙ୍ଗି ମୋବାଇଲ ଫୋନ, ଲାପ୍‌ଟପ୍, ଏଟିଏମ୍, କ୍ରେଡିଟ୍ କାର୍ଡ ଓ ଅନ୍ୟାନ ଜରୁରୀ କାଗଜପତ୍ର ସହିତ ଘରେ ଥିବା ୪୯୦୦ଟଙ୍କା ଚୋରି କରିନେଇଥିବା ଝାରସୁଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଝାରସୁଗୁଡ଼ା ପୁଲିସ ଏକ ମାମଲା ରୁଜୁ କରିଥିଲା। ଝାରସୁଗୁଡ଼ା ଏସ୍‌ପିଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଦଳ ଗଠନ କରି ତାମିଲଟାଡୁକୁ ପଠାଯାଇ ଏହି ଅଭିଯୁକ୍ତଙ୍କୁ ଗିରଫ କରିଛି ଝାରସୁଗୁଡ଼ା ପୁଲିସ। ଅଭିଯୁକ୍ତମାନଙ୍କ ଠାରୁ ଅନ୍ୟସ୍ଥାନରୁ ଚୋରି ହୋଇଥିବା ୨୨ଟି ମୋବାଇଲ ଫୋନ ସହିତ ଝାରସୁଗୁଡ଼ାରୁ ଚୋରି ହୋଇଥିବା ଲାପ୍‌ଟପ୍, ପର୍ସ, ଡେବିଟ୍‌କାର୍ଡ ସହିତ ବିଭିନ୍ନ ଜରୁରୀ କାଗଜପତ୍ର ଜବତ କରାଯାଇଛି। ଏନେଇ ଟାଉନ୍ ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଝାରସୁଗୁଡ଼ା ଏସଡ଼ିପିଓ ଦାୟିତ୍ୱରେ ଥିବା ଚିନ୍ତାମଣି ପ୍ରଧାନ, ଥାନା ଅଧିକାରୀ ରଞ୍ଜନ ବରିହା ଉପସ୍ଥିତ ଥିଲେ।

# ରାଜପୁରରେ ଅତିରିକ୍ତ ତହସିଲଦାରଙ୍କ ଯୋଗଦାନ

**ବ୍ରଜରାଜନଗର, ୨।୭ (ସମିସ):** ଝାରସୁଗୁଡ଼ା ଜିଲ୍ଲା ସଦରବ୍ଲକ ଅଧୀନ ରାଜପୁର ପଞ୍ଚାୟତ କାର୍ଯ୍ୟାଳୟରେ ଅସ୍ଥାୟୀ ଭାବରେ ସୋମବାର ଦିନରୁ ଠାରୁ ନୂତନ ରାଜପୁର ତହସିଲ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି। ଏହି କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ନେମ୍ବି ଖାଲଖୋ ଯୋଗଦାନ କରିଛନ୍ତି। ଅତିରିକ୍ତ ତହସିଲଦାରଙ୍କୁ ରାଜପୁର ସରପଞ୍ଚ ସରସ୍ୱତୀ ନାୟକ, ରାଜପୁର ପୂର୍ବ ସମିତି ସଭ୍ୟ ଗଣେଶରାମ ବାଗ ପ୍ରମୁଖ ସ୍ୱାଗତ କରିଥିଲେ। ଏହି ଅବସରରେ ରାଜସ୍ୱ ପର୍ଯ୍ୟବେକ୍ଷକ ଅରୁଣ ପଟେଲ, ରାଜସ୍ୱ ନିରୀକ୍ଷକ ଜସ୍ମିତା ଭରସାଗର, ଚନ୍ଦନୀମାଲ ରାଜସ୍ୱ ନିରୀକ୍ଷକ ଜଗାକାଳିଆ ସାହୁ, ଲୋଇସିଂ ରାଜସ୍ୱ ନିରୀକ୍ଷକ ଅନିମେଶ ପଟେଲ, ବ୍ରଜରାଜନଗର ରାଜସ୍ୱ ନିରୀକ୍ଷକ ଖଗେଶ୍ୱର ପଟେଲ, ବ୍ରାଜରାଜନଗର ଅମିନ ପ୍ରକାଶ ନାଏକ ଉପସ୍ଥିତ ରହିଥିଲେ। ରାଜପୁର ଠାରେ ଖୋଲିଥିବା ଏହି କାର୍ଯ୍ୟଳୟରେ ଲୋଇସିଂ, ରାଜପୁର, ଚନ୍ଦନୀମାଲ ଓ ବ୍ରଜରାଜନଗର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ଅଞ୍ଚଳ ପରିସରଭୁକ୍ତ ହେବ। ଏହାଦ୍ୱାରା ବ୍ରଜରାଜନଗର ତଥା ଏହି ଅଞ୍ଚଳ ଗୁଡିକରୁ ଝାରସୁଗୁଡା ତହସିଲ କାର୍ଯ୍ୟାଳୟକୁ ଯିବାପାଇଁ ୧୫ କିଲୋମିଟର ଦୂରତା କମ୍ ପଡ଼ିବ।

# ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା କମିଟି ଓ ଟାସ୍କଫୋର୍ସ ବୈଠକ

**ଝାରସୁଗୁଡ଼ା, ୨।୭ (ସମିସ):** ମଙ୍ଗଳବାର ଅପରାହ୍ନରେ ଜିଲ୍ଲାପାଳ ଆବୋଲି ସୁନୀଲ ନାଇୱାନେଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରରୀୟ ଶିଶୁସୁରକ୍ଷା କମିଟି ତଥା ଜିଲ୍ଲା ଟାସ୍କଫୋର୍ସର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାସ୍ତରରେ ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଯୋଜନା ଯଥା ମିଶନ ବାତ୍ସଲ୍ୟ, ଶିଶୁ ସୁରକ୍ଷା ଯୋଜନା, ବେଟି ବଚାଓ ବେଟି



ପଢ଼ାଓ, ଶିଶୁ ଶ୍ରମିକ ଆଇନ, ବାଲ୍ୟ ବିବାହ ନିରୋଧ ଆଇନ ତଥା ବିଭିନ୍ନ ଶିଶୁସୁରକ୍ଷା ସମ୍ପର୍କିତ କମିଟିର ରୂପରେଖ ଇତ୍ୟାଦି ଉପରେ ଜିଲ୍ଲପାଳ ଆଲୋଚନା କରିଥିଲେ। ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଗତ ଶେଷ ତିନି ମାସର କାର୍ଯ୍ୟକ୍ରମକୁ ଉପସ୍ଥାପନା କରିବା ସହିତ ଏଜେଣ୍ଡା ଅନୁଯାଇ ଆଗାମୀ ଦିନ ର କାର୍ଯ୍ୟ ଖସଡ଼ା ଉପସ୍ଥାପନ କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକରୀ, ଶିଶୁକଲ୍ୟାଣ କମିଟି ସଦସ୍ୟ, କିଶୋର ନ୍ୟାୟ ବୋର୍ଡ ସଦସ୍ୟ, ସ୍ୱତନ୍ତ୍ର କିଶୋର ପୁଲିସ ୟୁନିଟର ମୁଖ୍ୟ, ଗୋଷ୍ଠୀ ଉନୟନ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ତଥା ଜିଲ୍ଲାର ବିଭିନ୍ନ ଶିଶୁଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମହାନଦୀ କୋଇଲା ଖଣି ଠିକା ଶ୍ରମିକ କଂଗ୍ରେସ ଓ ଏମ୍‌ସିଏଲ୍ ଆଲୋଚନା ବିଫଳ

# ୧୫ରୁ ଲଖନପୁର କ୍ଷେତ୍ରରେ ତିନିଦିନିଆ ଆନ୍ଦୋଳନ

**ଝାରସୁଗୁଡ଼ା, ୨।୭ (ସମିସ)**

ମହାନଦୀ କୋଇଲା ଖଣି ଠିକା ଶ୍ରମିକ କଂଗ୍ରେସ ଓ ଏମସିଏଲ୍ ଲଖନପୁର କ୍ଷେତ୍ର ଅଧିକାରୀଙ୍କ ମଧ୍ୟରେ ଅନୁଷ୍ଠିତ ଦ୍ୱିପାକ୍ଷିକ ବୈଠକରେ ଆଲୋଚନା ବିଫଳ ହୋଇଛି। ଠିକା ଶ୍ରମିକଙ୍କ ୧୧ଦଫା ଦାବି ନେଇ ହୋଇଥିବା ଆଲୋଚନାକୁ ନେଇ ଶ୍ରମିକ ସଙ୍ଗଠନ ତରଫରୁ ଅସନ୍ତୋଷ ବ୍ୟକ୍ତ କରିବା ସହ ଆଗାମୀ ୧୫ ତାରିଖ ଲଖନପୁର କ୍ଷେତ୍ର ଅଞ୍ଚଳରେ ତିନି ଦିନ ପାଇଁ ଚକାଜାମ ଆନ୍ଦୋଳନ କରାଯିବା ପାଇଁ ଘୋଷଣା କରାଯାଇଛି। ପୂର୍ବରୁ ଶ୍ରମିକ ସଂଗଠନ ପକ୍ଷରୁ ଏମ୍‌ସିଏଲ ଚେୟାରମ୍ୟାନ କମ୍ ମେନେଜିଂ ଡାଇରେକ୍‌ଟରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ମଙ୍ଗଳବାର ଏମସିଏଲ ଲଖନପୁର କ୍ଷେତ୍ର ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଦ୍ୱିପାକ୍ଷିକ ବୈଠକରେ



ଏମ୍‌ସିଏଲ ତରଫରୁ ମ୍ୟାନେଜର ପ୍ରଦୀପ କୁମାର ଠିକା ଶ୍ରମିକଙ୍କ ଶୋଷଣକୁ ନିୟନ୍ତ୍ରଣ କରିବା ପାଇଁ ସଂଗଠନର ଦାବି ଅନୁସାରେ ବାଇମେଟ୍ରିକ ମାଧ୍ୟମରେ ହାଜରି ନେବା ପରିବର୍ତ୍ତେ କୋଲ ଇଣ୍ଡିଆ କ୍ଲାଉଡ୍ ସର୍ଭିସ୍ ମାଧ୍ୟମରେ ହାଜରି ନିଆଯିବ। କମ୍ପାନୀ ତରଫରୁ ଆସନ୍ତା ଅକ୍ଟୋବର ସୁଦ୍ଧା ଏହି ନୂଆ ବ୍ୟବସ୍ଥା ଲାଗୁ ହେବ। ଯେଉଁ କମ୍ପାନୀମାନଙ୍କ ଟେଣ୍ଡର ଶେଷହେବ, ନୂଆ କମ୍ପାନୀରେ ଟେଣ୍ଡର ହେଲେ ପୁରୁଣା କମ୍ପାନୀର ଶ୍ରମିକମାନଙ୍କ ନିଯୁକ୍ତିକୁ ପ୍ରାଥମିକତା ପ୍ରଦାନ କରାଯିବ ବୋଲି ଏମସିଏଲ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଠିକାଶ୍ରମିକମାନଙ୍କୁ ଅନେକ କମ୍ପାନୀ ୧୨ଘଣ୍ଟା କାମ କରାଉଥିବାରୁ ଏହା ଶ୍ରମଆଇନର ଉଲଂଘନ ହୋଇଥିବାରୁ ସମ୍ପୃକ୍ତ କମ୍ପାନୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରମିକ ସଂଗଠନ ତରଫରୁ ଦାବି କରାଯାଇଛି। ଏମସିଏଲ କର୍ତ୍ତୃପକ୍ଷ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯିବ ବୋଲି କହିଥିଲେ। ଏମସିଏଲ ଲଖନପୁର କ୍ଷେତ୍ରରେ କମ୍ପାନୀ ମାନଙ୍କ ଶୋଷଣ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଠିକା ଶ୍ରମିକମାନଙ୍କୁ ହାଇପାୱାର କମିଟି ଅନୁମୋଦିତ ମଜୁରୀ ତଥା କେନ୍ଦ୍ର ସରକାରଙ୍କ ସର୍ବନିମ୍ନ ମଜୁରୀ ମଧ୍ୟ ପ୍ରଦାନ ଠିକ ଭାବରେ କରାଯାଉ ନ ଥିବା ଶ୍ରମିକ ସଂଗଠର ସଭାପତି ରମେଶ କୁମାର ତ୍ରିପାଠୀ ପ୍ରକାଶ କରିଥିଲେ। ଶ୍ରମିକ ସଂଗଠନ ତରଫରୁ ମଦନ ମେହେର, ପପୁ ପ୍ରଧାନ, ଗିତେଶ ପ୍ରଧାନ, ସରୋଜ ମାଝୀ, ମାନଶ ସାହୁ, ଗୋବିନ୍ଦ ହୋତା, ଲୋକେଶ୍ୱର ରାଣା, ଭୀଷ୍ମ ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଇଜେଭି ଫାଉଣ୍ଡେସନ ପକ୍ଷରୁ ଡାକ୍ତର ଦିବସ ପାଳିତ

**ଝାରସୁଗୁଡ଼ା, ୨।୭ (ସମିସ):** ଇଜେଭି ଫାଉଣ୍ଡେସନ ପକ୍ଷରୁ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ଅଡିଟୋରିୟମ ପରିସରରେ ଡାକ୍ତର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଥିବା ଡାକ୍ତରଙ୍କୁ ସମ୍ମାନିତ



କରାଯାଇଛି। ଯେପରି ଟିଆରଏଲ ନିର୍ଦ୍ଦେଶକ ଡା. ତୁଷାର କାନ୍ତି ଦାସ, ଲଖନପୁର ମକ୍ଷମର ମୁଖ୍ୟ ଡା. ଯୁଗଳ କିଶୋର ଭୋଇ, ନାରୀ ରୋଗ ବିଶେଷଜ୍ଞ ସନ୍ତୋଷ ପାଣିଗ୍ରାହୀ, ଶିଶୁରୋଗ ବିଶେଷଜ୍ଞ ଡା. ସବିତା ଚନ୍ଦ୍ର ପଟେଲ, ହୋମିଓପାଥିକ ବିଶେଷଜ୍ଞ ଡା. ଜ୍ୟୋତି କର, ପଶୁରୋଗ ବିଶେଷଜ୍ଞ ଡା. ରାଜେଶ ମହାନନ୍ଦ ଓ ଜେଏସଡବ୍ଲ୍ୟୁର ଡା. ସୁଧାମୟ ନାୟକ ପ୍ରମୁଖଙ୍କୁ ବିଶେଷ ଭାବରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷା ସ୍ନେହଲତା ମିଶ୍ର ମଞ୍ଚାସୀନ ଥିଲେ। ସମସ୍ତ ଡାକ୍ତରମାନେ ନିଜର ବକ୍ତବ୍ୟରେ ଲୋକହିତକର କଥାମାନ କହିଥିଲେ। ନରେନ୍ଦ୍ର ପଣ୍ଡା, ମେହେବୁବ ମେହେତା, ତ୍ରିନାଥ ଗୁଆଲ, ହୀରାଲାଲ ଲୋକାଚାନ୍ଦିନୀ, ବାଳଗୋବିନ୍ଦ ମିଶ୍ର, ବଳବିନ୍ଦର ସିଂହ ପ୍ରମୁଖ ଯୋଗଦେଇଥିଲେ। ଫାଉଣ୍ଡେସନ ମୁଖ୍ୟ ଉପଦେଷ୍ଟା ଅଞ୍ଜଳି ପଟ୍ଟନାୟକ, ସ୍ୱାଗତ ସମ୍ଭାଷଣ ଦେଇଥିବା ବେଳେ ପୂନାମ ପଟେଲ, ଗଙ୍ଗାଧର ମେହେର, ସୁଶାନ୍ତ ନାୟକ, ପଙ୍କଜିନୀ ପାଣିଗ୍ରାହୀ, ଜ୍ୟୋତିର୍ମୟୀ ବେହେରା, ମିତୁ ପଣ୍ଡା, ପବିତ୍ର ସ୍ୱାଇଁ ପ୍ରମୁଖ ଡା ତଥା ଅତିଥିଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ମିନା ସୋନି ମଞ୍ଚ ସଞ୍ଚଳନା କରିଥିବା ବେଳେ ମାନସୀ ପଣ୍ଡା ସର୍ବଶେଷରେ ଡାକ୍ତରଙ୍କ ମହନୀୟତାକୁ ବର୍ଣନା କରି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଆଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭା ବଢ଼ାଇଥିଲେ।

# ଅଳିଆ ବୋହିବାକୁ ବୋଝ ଭାବୁଛି ଏସ୍ଏମ୍ସି

ସମ୍ବଲପୁର, ୨।୭ (ସମିସ)

ସମ୍ବଲପୁର ସହରକୁ ସଫାସୁତୁରା କରିବା ଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଠିକ ଭାବେ ସହରକୁ ଏସଏମସି ସଫା କରୁନଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ହେଲେ ଆଜିର ଦୃଶ୍ୟ ଦେଖିଲେ ଯେ ହେଲେ କହିବ ଏସଏମସି ନାମକୁ ମାତ୍ର ସଫେଇ କାମ କରୁଛି। ଅଳିଆ ଉଠାଇବା ଏସଏମସି କାର୍ଯ୍ୟ। ହେଲେ ଅଳିଆ ବୋହିବାକୁ ଏସଏମସି ବୋଝ ଭାବୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଅଇଁଠାପାଲି ପିଏଚଡି ପଡ଼ିଆରେ ମୀନାବଜାର ପଡ଼ିଥିଲା। ମୀନାବଜାର ଯିବା ପରେ ପିଏଚଡି ପଡ଼ିଆରେ ଏବେ କୁଡ କୁଡ ଅଳିଆ ପଡ଼ି ରହିଛି। ସେହିପରି ରିଂରୋଡରେ ମଧ୍ୟ ଅଳିଆ ପଡ଼ି ରହିଛି। ରିଂ ରୋଡଦେଇ ମାସମଲେଇଙ୍କୁ ଦର୍ଶନ ପାଇଁ ନିତିଦିନ ହଜାର ସଂଖ୍ୟକ ଶ୍ରଦ୍ଧାଳୁ ଆସୁଛନ୍ତି। ହେଲେ କୁଡ କୁଡ ଅଳିଆ ମନ୍ଦିର ଆଖପାଖ ପରିବେଶକୁ ଅସୁନ୍ଦର କରୁଛି। ସମଲେଇ ପ୍ରକଳ୍ପବେଳେ ରିଂରୋଡ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। କୋଟିକୋଟି ଟଙ୍କା ଖର୍ଚ୍ଚ କରି ରାସ୍ତାରେ ଗଛ, ଲାଇଟ, ଡିଭାଇଡର ଲଗାଯାଇଛି। ହେଲେ ଏବେ ଅଳିଆ ଆବର୍ଜନା ଗଦା କରି ଏସଏମସି ସୌନ୍ଦର୍ଯ୍ୟ ହ୍ରାସ କରିବାରେ ଲାଗି ପଡ଼ିଥିବା ଅଭିଯୋଗ ହୋଇଛି। ଶୀତଳଷଷ୍ଠୀ ଯାତ୍ରାଠାରୁ ପିଏଚଡି ପଡ଼ିଆରେ ମୀନା ବଜାର ପଡ଼ିଥିଲା। ପ୍ରତିଦିନ ଲୋକଙ୍କ ସମାଗମ ଜମୁଥିଲା। ହେଲେ ଉକ୍ତ ପରିବେଶରେ ଏବେ ପଲିଥିନ, ପ୍ଲାଷ୍ଟିକ ଗ୍ଲାସ, କପରେ ପରିପୂର୍ଣ୍ଣ ହୋଇଯାଇଛି। ହେଲେ ଏସଏମସିର ଏଥି ପ୍ରତି କୌଣସି ଦୃଷ୍ଟି ନାହିଁ। ଏତେ ପରିମାଣର ପଲିଥିନ ପ୍ଲାଷ୍ଟିକ କେମିତି ସହରକୁ ଆସିଲା। ଏସଏମସି ପକ୍ଷରୁ କୌଣସି ସ୍ଥାନରେ ଚଢଉ କରିନଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ସମ୍ବଲପୁର ମହାନଗର ପକ୍ଷରୁ ସହରରେ ପଲିଥିନ ଓ ଥରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକ ଉପରେ ରୋକ ଲଗାଇଛି। ପରିବେଶ ପ୍ରଦୂଷଣ ରୋକିବା ନେଇ ଉଭୟ ସରକାର ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। ଏସଏମସି ପକ୍ଷରୁ ବାରମ୍ବାର ଧରପଗଡ଼ କରାଯାଉଛି। ହେଲେ କଟକଣା ଓ ଧରପଗଡ଼କୁ କାହାକୁ ଭୟ ନାହିଁ। ବେଧଡକ ଭାବେ ବିଭିନ୍ନ ଦୋକାନ, ଠେଲାରେ ବ୍ୟବହାର ହେଉଛି। ସମ୍ବଲପୁରରେ ଅଧିକାଂଶ ବଡ ବଡ ହୋଟେଲ, ରେସ୍ତୋରାଁ ମଧ୍ୟ ବ୍ୟବହାର ହେଉଛି। ଖୋଲା ବଜାରରେ ବିକ୍ରି ହେଉଥିବା ପନିପରିବା ଠାରୁ ଆରମ୍ଭ କରି ଜଳଖିଆ ଦୋକାନଗୁଡ଼ିକରେ ଏହାର ଖୋଲାଖୋଲି ଉଲ୍ଲଙ୍ଘନ ହେଉଛି। ଏସଏମସି ଉପରେ ଚାପ କିମ୍ବା ବିଭିନ୍ନ ମହଲରେ ଅଭିଯୋଗ ହେଲେ କେତେକ ଛୋଟ ଦୋକନା, ଠେଲା ଉପରେ ଚଢାଉ କରି ପଲିଥିନ ଜବତ କରିବା ସହ ଜରିମାନା ଆଦାୟ କରୁଛନ୍ତି। ହେଲେ ପଲିଥିନ କିମ୍ବା ପ୍ଲାଷ୍ଟିକ ତିଆରି କରୁଥିବା କମ୍ପାନୀ ଓ ସହରକୁ ଯୋଗାଣ କରୁଥିବା ବଡ ବ୍ୟବସାୟୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଆବର୍ଜନାରେ ଅଞ୍ଚଳ ଦୁର୍ଗନ୍ଧରେ ଫାଟି ପଡୁଛି। ଏସଏମସିର ସଫେଇ ବିଭାଗର ଅପାରଗତ ଓ ଦାୟିତ୍ୱହୀନତା ସହର ପାଇଁ ବୋଝ ସାଜିଛି। ଏସଏମସିର ଅଳିଆ ଉଠା ଗାଡି ସକାଳେ ଓଦା ଓ ସୁଖା ଅଳିଆ ନେବା ପାଇ ଘର ଘର ବୁଲୁଛୁ। ହେଲେ ଅଳିଆ ଗାଡି ପ୍ରତ୍ୟକ ଦିନ ଆସୁନଥିବା ଅଭିଯୋଗ ହେଉଛି। ସେଥିପାଇଁ ଲୋକ ମଧ୍ୟ ରାସ୍ତା କଡ଼ରେ ଅଳିଆ ପକାଇବା ପାଇଁ ବାଧ ହେଉଛନ୍ତି। କାମକୁ ତଦାରଖ କରିବାପାଇଁ ସୁପରଭାଇଜର ଓ ୱାର୍ଡ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ହେଲେ ଅଳିଆ ଉଠାଇବାକୁ ଭୁଲି ଯାଉଥିବା ଅଭିଯୋଗ ହେଉଛି।






- ସଫେଇ ଗାଡ଼ି ନିତିଦିନ ଆସୁ ନ ଥିବା ଅଭିଯୋଗ
- ମୀନାବଜାର ପରେ ପିଏଚ୍‌ଡି ପଡ଼ିଆ ଆବର୍ଜନାରେ ପରିପୂର୍ଣ୍ଣ
- ରିଂରୋଡ୍‌ର ସୌନ୍ଦର୍ଯ୍ୟ ହ୍ରାସ ପାଉଛି

## ଟିପିଡବ୍ଲ୍ୟୁଓଡିଏଲ୍ ଜନସମ୍ପର୍କ ଅଧିକାରୀଙ୍କ ଅବସର




ସମ୍ବଲପୁର, ୨।୭ (ସମିସ): ଟିପିଡବ୍ଲୁଓଡିଏଲର ବରିଷ୍ଠ ଜନସମ୍ପର୍କ ଅଧିକାରୀ ଦେବାନନ୍ଦ ସାମଲ ଦୀର୍ଘ ୪୦ବର୍ଷର ବୃତ୍ତିଗତ ସେବା ନିର୍ବାହ କରି ଜୁଲାଇ ପହିଲା ୨୦୨୪ରୁ ଅବସର ଗ୍ରହଣ କରିଛନ୍ତି। ନିଜର ଚାରିଦଶକର କାର୍ଯ୍ୟକାଳରେ ଶ୍ରୀ ସାମଲ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବଣ୍ଟନ କମ୍ପାନୀ ୱେସ୍କୋର ଜନସମ୍ପର୍କ ବିଭାଗର ମୁଖ୍ୟ ଭାବେ ୧୯୯୯ ରୁ ୨୦୧୯ ପର୍ଯ୍ୟନ୍ତ ଦୀର୍ଘ ୨୧ବର୍ଷ ଏବଂ ରାଜ୍ୟ ଶକ୍ତିବିଭାଗ ଅଧିନସ୍ଥ ଗ୍ରୀଡକୋର ଜନସମ୍ପର୍କ ମୁଖ୍ୟଭାବେ ସାଢେ ଚାରିବର୍ଷ ସଫଳତାର ସହିତ ଦାୟିତ୍ୱ ନିର୍ବାହ କରିଛନ୍ତି। ଏତଦ୍ ବ୍ୟତିତ, ସେ ୨୦୧୪-୧୫ ରେ ୱେସ୍କୋ, ନେସ୍କୋ ଓ ସାଉଥକୋର କେନ୍ଦ୍ରୀୟ ସେବା କାର୍ଯ୍ୟାଳୟର କର୍ପୋରେଟ୍ କମ୍ୟୁନିକେସନ ଶାଖାମୁଖ୍ୟ ଭାବେ ମଧ୍ୟ କାର୍ଯ୍ୟ ତୁଲାଇଛନ୍ତି। ତାଙ୍କର ଅଭିଜ୍ଞତା ଓ କର୍ମନିଷ୍ଠା ବଳରେ ସେ ବିଦ୍ୟୁତ୍ ସଂସ୍ଥା, ବିଦ୍ୟୁତ ଗ୍ରାହକ ଓ ବିଭିନ୍ନ ଗଣମାଧ୍ୟମ ସଂସ୍ଥା ସହ ସକାରାତ୍ମକ ବୁଝାମଣା ଓ ସୁସମ୍ପର୍କ ସ୍ଥାପନ ପ୍ରତିଷ୍ଠା କରିବାରେ ସଫଳ ହୋଇପାରିଥିଲେ। ଜନସମ୍ପର୍କ ବୃତ୍ତି ବ୍ୟତିତ, ସେ ଜଣେ ସମାଜସେବୀ, କବି, ସୁଲେଖକ ଓ ସାଂସ୍କୃତିକ ସଙ୍ଗଠକ ଭାବେ ମଧ୍ୟ ପରିଚିତ। ପଶ୍ଚିମ ଓଡ଼ିଶାର ବିଭିନ୍ନ ସାଂସ୍କୃତିକ ସଂଗଠନ ସହିତ ଜଡିତ ରହି ଓ ବିଶେଷ ଭାବରେ ବୁର୍ଲା ରୋଟାରୀ କ୍ଲବ୍‌ର ସମ୍ପାଦକ ଭାବେ ଦୁଇବର୍ଷ କାର୍ଯ୍ୟକରି ସେ ଅନେକ ସମାଜସେବା କରିଛନ୍ତି। ଅରୁନ୍ଧତୀ ଅନୁଷ୍ଠାନ ମାଧ୍ୟମରେ ସେ ସ୍ଥାନୀୟ ଲୋକକଳା ତଥା ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ପ୍ରସାର ପ୍ରଚାର ପାଇଁ ଅନେକ ପ୍ରୟାସ କରିଛନ୍ତି। ତାଙ୍କର ସାମାଜିକ ଓ ସାଂସ୍କୃତିକ ସେବାପାଇଁ ସେ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ସମ୍ମାନୀତ ହୋଇଛନ୍ତି। ତାଙ୍କର ବୃତ୍ତିଗତ ସେବା ଅବଦାନର ସ୍ୱୀକୃତି ସ୍ୱରୂପ, ତାଙ୍କୁ ଟିପିଡବ୍ଲୁଓଡିଓଏଲ ପରିବାର ପକ୍ଷରୁ ତଥା ଅଫିସର୍ସ ସର୍ଭିସ୍ ଆସୋସିଏସନ (ଓଏସଏଟଏ) ତରଫରୁ ଭବ୍ୟ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି।

## ଗଞ୍ଜେଇ ଚାଲାଣ ଅଭିଯୋଗରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ସମ୍ବଲପୁର, ୨।୭ (ସମିସ): ସମ୍ବଲପୁର ଅବକାରୀ ବିଭାଗ ପକ୍ଷରୁ ଗତ ବର୍ଷ ମେ ୨୫ରେ ଡାଇକ ରୋଡ୍‌ରେ ଯାଞ୍ଚ ଚାଲିଥିବା ବେଳେ ଏକ କାରକୁ ଅଟକାଇ ତଲାସି ବେଳେ ସେଥିରୁ ୧୦୦ କିଲୋ ଗଞ୍ଜେଇ ବାହାରିଥିଲା। ଏହି ଘଟଣାରେ ଦୁଇ ଜଣ ଅଭିଯୁକ୍ତ ଜୟନ୍ତ ମିତ୍ର ଓ ଆସଲମ ଖାଁକୁ ଗିରଫ କରି ଏନଡିପିସି ଧାରା ଅନୁଯାୟୀ କୋର୍ଟ ଚାଲାଣ କରିଥିଲେ। ଏହାର ବିଚାର କରି ଅତିରିକ୍ତ ଜିଲ୍ଲା ଜଜ (ଏଲଆରଏଲଟିଭି) ସମସ୍ତ ସାକ୍ଷ୍ୟ ଗ୍ରହଣ କରିବା ପରେ ପ୍ରମାଣ ଅଭାବରୁ ଦୁଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ପ୍ରଦ୍ୟୋତ କୁମାର ଶର୍ମା ମକଦ୍ଦମା ଲଢିଥିଲେ।

## ରସି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ସମ୍ବଲପୁର, ୨।୭ (ସମିସ): ଅଇଁଠାପାଲି ଥାନା ଅଞ୍ଚଳରେ ଜଣେ ଯୁବକ ବେକରେ ରସି ଲଗାଇ ଆ।।ହତ୍ୟା କରିଛନ୍ତି। ଯୁବକ ହେଲେ ବରଗଡ଼ ଜିଲ୍ଲା ଟାଉନ ଥାନା ଅଞ୍ଚଳର କଟାପାଲି ଗ୍ରାମ ଜିତୁ ମାହାନା। ସେ ସମ୍ବଲପୁରରେ ରହି ଗାଡ଼ି ରଖି କମ୍ପାନିରେ ଚଳାଉଥିଲେ। ତେବେ କୌଣସି କାରଣରୁ ଆଜି ଆତ୍ମହତ୍ୟା କରିଛନ୍ତି। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ସଂସ୍କୃତ କଲେଜ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ସମ୍ବଲପୁର, ୨।୭ (ସମିସ): ସମ୍ବଲପୁରରେ ଏକ ସଂସ୍କୃତ କଲେଜ ନିର୍ମାଣ କରିବାକୁ ସମ୍ବଲପୁର ନାଗରିକ କଲ୍ୟାଣ ସମିତ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ସଂସ୍କୃତ ଭାଷା କେବଳ ଏକ ଶାସ୍ତ୍ରୀୟ ଭାଷା ନୁହେଁ, ବରଂ ଭାରତର ସମୃଦ୍ଧ ସାଂସ୍କୃତିକ ଏବଂ ଦାର୍ଶନିକ ଐତିହ୍ୟର ଭଣ୍ଡାର। ଶତାବ୍ଦୀ ଧରି ଏହା ଜ୍ଞାନର ପ୍ରସାର ପାଇଁ ଏକ ଉତ୍ସ ହୋଇଆସିଛି। ସମ୍ବଲପୁରର ବହୁପୁରାତନ ଇତାହାସ ରହିଛି। ତେଣୁ ସମ୍ବଲପୁରରେ ସଂସ୍କୃତ ମହାବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଦାବି କରାଯାଇଛି।

### ଜିଲ୍ଲା ରେଡ୍‌କ୍ରସ୍ ଶାଖାର ବାର୍ଷିକ ସାଧାରଣ ବୈଠକ

## ନୂତନ ସଭ୍ୟ ସଂଗ୍ରହ ଓ ଅଧିକ ସେବା ଦେବାକୁ ମତ

ସମ୍ବଲପୁର, ୨।୭ (ସମିସ): ସମ୍ବଲପୁର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ରେଡକ୍ରସ୍‌ର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଜାମ୍ବର ମହାନ୍ତି ଅଧକ୍ଷତା କରିଥିଲେ। ବୈଠକରେ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଜିଲ୍ଲା ରେଡ କ୍ରସ୍ ଶାଖା ସମ୍ବଲପୁରର ଗତିବିଧି ଓ କାର୍ଯ୍ୟକଳାପ ର ବାର୍ଷିକ ରିପୋର୍ଟ ଉପସ୍ଥାପନା କରଯାଇଥିଲା। ଉକ୍ତ ବୈଠକ ରେ ଜିଲ୍ଲା ରେଡକ୍ରସ୍ ଶାଖା ସମ୍ବଲପୁରର ୨୦୨୪-୨୦୨୫ ବର୍ଷ ପାଇଁ ଆକ୍ସନ୍ ପ୍ଲାନ୍ ଓ ବଜେଟ୍ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଅଡିଟରଙ୍କ ନିଯୁକ୍ତି, ରେଡକ୍ରସ ଲାଇଫରେ ନୂତନ ସଦସ୍ୟଙ୍କ ନାମଲେଖା ପାଇଁ ସଦସ୍ୟତା ଅଭିଯାନ, ବାର୍ଷିକ ଆକାଉଣ୍ଟ ଅଡିଟ୍, ବୁର୍ଲାର ଆହାର କେନ୍ଦ୍ରରର ପ୍ରଥମ ଓ ଦ୍ୱିତୀୟ ମହଲାରେ ରୋଗୀଙ୍କ ସମ୍ପର୍କିୟ ମାନଙ୍କ ପାଇଁ ଥିବା ରେଡ୍‌କ୍ରସ୍‌ର ବିଶ୍ରାମ ଗାର ଗୁଡିକର ପରିଚାଳନା ଓ ରକ୍ଷଣା ବେକ୍ଷଣା, ବୃଦ୍ଧା ଆଶ୍ରମ ମାନଙ୍କର ରକ୍ଷଣା ବେକ୍ଷଣା କିପରି ସୁଚାରୁ ରୂପେ ହେଉଛି ସେହି ବିଷୟରେ ଆଲେଚନା ହୋଇ ଉପସ୍ଥିତ ସଦସ୍ୟମାନେ ମତ ରଖିଥିଲେ। ଚିକିତ୍ସା ପାଇଁ ଗରିବ ଏବଂ ଅଭାବୀ ଲୋକଙ୍କୁ ଆର୍ଥିକ ସହାୟତା କିପରି ଦିଆ ଯାଉଛି, ପୁଷ୍ଟିକର ଖାଦ୍ୟ ନ ପାଉଥିବା ପିଲାମାନଙ୍କ ପାଇଁ ପର୍ଯ୍ୟନ୍ତ ଶିଶୁ ଖାଦ୍ୟ ଯୋଗାଣ, ରକ୍ତ ଦାନ ଶିବିରର ଆୟୋଜନ କରାଇବା, ଆର୍ଥିକ ସଙ୍କଟରେ ପୀଡିତ ଅନୁଷ୍ଠାନମାନଙ୍କୁ କିପରି ଆର୍ଥିକ ସହାୟତା ଯୋଗଇବା ଉପରେ ଆଲୋଚନା କରଯାଇଥିଲା। ଉକ୍ତ ବୈଠକରେ ଏସଏମସି କମିଶନର ବେଦ ଭୂଷଣ ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଉପଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ସୁଜାତା ରାଣୀ ମିଶ୍ର, ରେଡକ୍ରସର ସେକ୍ରେଟାରୀ ଜୟ ଜର୍ଜ ମଞ୍ଚାସୀନ ଥିଲେ। ଉକ୍ତ ବୈଠକରେ ପାଟ୍ରନ୍ ସଦସ୍ୟ ଙ୍କ ସମେତ ରେଡ କ୍ରସ ର ବିଭିନ୍ନ ବିଭାଗର ଅନାନ୍ୟ କର୍ମୀ ମାନେ ମଧ୍ୟ ଉପସ୍ଥିତ ଥିଲେ।





ଏସ୍ଏମ୍ସି ଅଫିସ୍ ସମ୍ମୁଖରେ ଅଶୋକ ଚକ୍ର

## ଧନକଉଡ଼ା ବ୍ଲକ୍ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ସମ୍ବଲପୁର, ୨।୭ (ସମିସ): ଧନକଉଡା ବ୍ଲକ କାର୍ଯ୍ୟାଳୟରେ ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଏବଂ ଏସପି ମୁକେଶ ଭାମୁଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ସିଡିଓ କମ ଇଓ ଧର୍ମେନ୍ଦ୍ର ମଲ୍ଲିକ, ବ୍ଲକ ଚେୟାରମ୍ୟାନ୍ ପୁଷ୍ପାଞ୍ଜଳୀ ବେହେରା ତଥା ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମୋଟ ୨୦ଟି ଆବେଦନ ଗ୍ରହଣ କରାଯାଇଥିଲା। ଯେଉଁଥିରୁ ୧୪ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିଲା ବେଳେ, ୬ ଟି ଗ୍ରାମୀୟ ସମସ୍ୟା ସହିତ ଜଡିତ ଥିଲା। ଚଳିତ ଜୁଲାଇ ୮ରେ ବ୍ଲକ କାର୍ଯ୍ୟାଳୟ ରେଢାଖୋଲ, ୧୫ରେ ଜମନକିରା ବ୍ଲକ କାର୍ଯ୍ୟାଳୟ, ୨୨ ଜୁଲାଇରେ ବ୍ଲକ କାର୍ଯ୍ୟାଳୟ ରେଙ୍ଗାଲି, ୨୯ ଜୁଲାଇରେ ବ୍ଲକ କାର୍ଯ୍ୟାଳୟ ଯୁଯୁମୁରାରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

## ବୁଢ଼ାରଜା ହାଇସ୍କୁଲରେ ସଂସ୍କୃତ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ସମ୍ବଲପୁର, ୨।୭ (ସମିସ): ଦୀର୍ଘ ୩୮ ବର୍ଷ ବ୍ୟାପି ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟ ସମ୍ପାଦନ କରି ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ହରି ନାରାୟଣ ପଣ୍ଡା ଜୁନ୍ ୩୦ ତାରିଖ ଦିନ ଅବସର ଗ୍ରହଣ କରିଛନ୍ତି। ଆଜି ତାଙ୍କ ସମ୍ମାନାର୍ଥେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଶିକ୍ଷକର୍ମଚାରୀମାନେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ଗହଣରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁମିତା ପତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ସମ୍ମାନୀତ ଅତିଥିଭାବରେ ପ୍ରାକ୍ତନ ଶିକ୍ଷା ମଣ୍ଡଳାଧୀଶ ଡ. ଗିରିଧାରୀ ହୋତା, ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରମୋଦ କୁମାର ପଣ୍ଡା, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଉଦିତ ଚନ୍ଦ୍ର ପାଟଯୋଶୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମହିପାଲ ସ୍ୱାଇଁ, ଅବସରପ୍ରାପ୍ତ ସମ୍ବଲପୁର ବେତାର କେନ୍ଦ୍ରର ଉଦ୍‌ଘୋଶକ କୃଷ୍ଣ ଚନ୍ଦ୍ର କନ୍ୱେଧର, ପୁରାତନ ଛାତ୍ର ରମେଶ କୁମାର ସାହା ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀ ଜୟନ୍ତୀ ହୋତାଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ମିଶ୍ର ଦ୍ୱାରା ରଚିତ ଗୁରୁବନ୍ଦନା ଗାନ କରାଯାଇଥିଲା। ଉପସ୍ଥିତ ଅତିଥିମାନେ ଅବସରପ୍ରାପ୍ତ ଶିକ୍ଷକଙ୍କ ଜୀବନାଦର୍ଶ ଓ ବିଦ୍ୟାଳୟ ପ୍ରତି ଥିବା ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନେକ ଛାତ୍ରଛାତ୍ରୀ, ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକ, ଅନୁବିନ୍ଦା ଦାଶ, ଶିକ୍ଷକ ପ୍ରଦୀପ କୁମାର ସାହୁ, ତନୟ କୁମାର ପ୍ରଧାନ, ଦେବଶ୍ରୀ ଦେହୁରୀ, ବରିଷ୍ଠ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ ନିଜର ବକ୍ତବ୍ୟ ରଖିଥିଲେ। ପୂର୍ବତନ ଶିକ୍ଷୟିତ୍ରୀ ରଞ୍ଜିତା ରାଣୀ ହୋତାଙ୍କ ରଚିତ ଏକ କବିତା ପାଠ କରିଥିଲେ। ଗତକାଲି ଜିଲ୍ଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ବିଦ୍ୟାଳୟ ପରିସରରେ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



## ରାସ୍ତା, ପରିମଳ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

ସମ୍ବଲପୁର, ୨।୭ (ସମିସ): ମୋତିଝରଣ ଅଞ୍ଚଳବାସୀ ରାସ୍ତା, ଡ୍ରେନ, ପରିମଳ ସମସ୍ୟା ନେଇ ସମ୍ବଲପୁର ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଉକ୍ତ ଅଞ୍ଚଳରେ ପାଇପ କାମ ପାଇଁ ରାସ୍ତା ଖୋଳି ଦେଇଛନ୍ତି। ଯାହାଫଳରେ ରାସ୍ତରେ ଯିବା ଆସିବା କରିବା ମୁସକିଲ ହୋଇପଡ଼ିଛି। ସେହିପରି ଡ୍ରେନ ସଫା ନହେବା ସହ ପରିମଳ ବ୍ୟବସ୍ଥା ପୁରା ଅଚଳ ହୋଇପଡ଼ିଛି। ରାସ୍ତା କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଅଞ୍ଚଳକୁ ଠିକ ଭାବେ ସଫା କରିବାକୁ ମୋତିଝରଣ ବାସୀ ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟସୁନିଲ ଅଗ୍ରୱାଲଙ୍କୁ ଅଭିଯୋଗ କରିଛନ୍ତି।



## ସମ୍ବଲପୁରରେ 'ମା' ପାଇଁ ଗଛଟିଏ' ଅଭିଯାନ



ସମ୍ବଲପୁର, ୨।୭ (ସମିସ): ରାଜ୍ୟ ସରକାରଙ୍କର ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅଭିଯାନ ଆରମ୍ଭ ହୋଇଛି। ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ହେମନ୍ତ କୁମାର ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଣି ସଞ୍ଜୁକ୍ତା କୁଲୁ, ଜିଲ୍ଲା କଳା ଓ ସଂସ୍କୃତି ଅଧିକାରୀ ରୋଜାଲିନା ତିର୍କୀ, ପାନ୍ଥନିବାସ ମ୍ୟାନେଜରର ସନ୍ତୋଷ କୁମାର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ଚାରା। ରୋପଣ କରିଥିଲେ। ସୂଚନାଯୋଗ୍ୟ, ବିଶ୍ୱ ପରିବେଶ ଦିବସ ଅବସରରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ପେଡ ମା କେ ନାମ ( ମା ପାଇଁ ଗଛଟିଏ ) କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରାଜ୍ୟରେ ଏହି କାର୍ଯ୍ୟକ୍ରମକୁ ଆଗେଇ ନେବାପାଇଁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆହ୍ୱାନ କରିଥିଲ।

## ଆଇଆଇଏମ୍ ସମ୍ବଲପୁରରେ ଫ୍ଲାଗସିପ୍ ଏମ୍‌ବିଏ ପାଠ୍ୟକ୍ରମର ଦଶମ ବ୍ୟାଚ୍

ବୁର୍ଲା, ୨।୭ (ସମିସ)

ଲିଙ୍ଗଗତ ବିବିଧତାରେ ନୂତନ ମାନଦଣ୍ଡ ସ୍ଥାପନ ପାଇଁ ଖ୍ୟାତି ଅର୍ଜନ କରିଥିବା ଆଇଆଇଏମ୍ ସମ୍ବଲପୁରରେ ଫ୍ଲାଗସିସ ଏମବିଏ ପାଠ୍ୟକ୍ରମର ଦଶମ ବ୍ୟାଚ୍ ନାମଲେଖା ପରେ ଉଦଘାଟନୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆଜିଠାରୁ ବିଧିବଦ୍ଧ ଦଶମ ବ୍ୟାଚର ପାଠ୍ୟକ୍ରମ କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି। ୨୦୨୪-୨୬ର ଦଶମ ଏମବିଏ ବ୍ୟାଚରେ ପୁରୁଷଙ୍କ ତୁଳନାରେ ୩ ଗୁଣ ଅଧିକ ଛାତ୍ରୀ ନାମ ଲେଖାଇଛନ୍ତି। ସମୁଦାୟ ୩୨୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୬ପ୍ରତିଶତ (୨୪୪) ଛାତ୍ରୀ ଏବଂ ୨୪ପ୍ରତିଶତ (୭୬) ଛାତ୍ର ନାମ ଲେଖାଇଛନ୍ତି। ଏହାବ୍ୟତୀତ ୬୦ପ୍ରତିଶତ (୧୯୪ ଜଣ ଛାତ୍ରଛାତ୍ରୀ) ସହିତ ଅଣ-ଇଞ୍ଜିନିୟର ଅଟନ୍ତି। ସେମାନଙ୍କ ପ୍ରତିଶତରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥିବା ବେଳେ ୪୦ପ୍ରତିଶତ ଛାତ୍ରଛାତ୍ରୀ ଇଞ୍ଜିନିୟରିଂ କ୍ଷେତ୍ରରୁ (୧୨୬ ଜଣ ଛାତ୍ର) ଆସିଛନ୍ତି। ଅଣ-ଇଞ୍ଜିନିୟର ବର୍ଗରେ ଯଥାକ୍ରମେ ୧୯ପ୍ରତିଶତ ଛାତ୍ରଛାତ୍ରୀ ବିଜ୍ଞାନ ଓ ବାଣିଜ୍ୟ ପୃଷ୍ଠଭୂମିରୁ ଥିବା ବେଳେ ୧୨.୫ପ୍ରତିଶତ ମ୍ୟାନେଜମେଣ୍ଟ ଓ ୪ପ୍ରତିଶତ କଳା ପୃଷ୍ଠଭୂମିରୁ ଆସିଛନ୍ତି। ବ୍ୟାଚର ଆଉ ଏକ ରୋଚକ ତଥ୍ୟ ହେଉଛି, ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୬ପ୍ରତିଶତ (୧୪୬) ଙ୍କର ପୂର୍ବ କାର୍ଯ୍ୟ ଅଭିଜ୍ଞତା ଥିବା ବେଳେ ୫୪ପ୍ରତିଶତ (୧୭୪) ଫ୍ରେସର ଅଛନ୍ତି। ଉଦଘାଟନୀ ଉତ୍ସବରେ ଆଦାନୀ ଗ୍ରୁପର ବ୍ୟବସାୟ ବିକାଶ ସଭାପତି ସୁବ୍ରତ ତ୍ରିପାଠୀଙ୍କ ସମେତ ବିଶିଷ୍ଟ ଶିଳ୍ପପତିମାନେ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ହାଭେଲ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡର ଉପାଧକ୍ଷ (ବିକ୍ରୟ ଓ ମାର୍କେଟିଂ) ସୁମିତ ସାଙ୍ଗୱାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ସ୍ୱାଗତ ଭାଷଣ ଦେଇଥିଲେ। ଉଦଘାଟନୀ ଉତ୍ସବରେ ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ସ୍ୱାଗତ ଭାଷଣରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ଭାରତ ସରକାରଙ୍କ ଦ୍ୱାରା ୨୦୧୫ରେ ଏହି ଅନୁଷ୍ଠାନ ପ୍ରତିଷ୍ଠା ଉପରେ ଆଲୋକପାତ କରି କହିଛନ୍ତି ଯେ, ଯେଉଁଠାରେ ଆମେ ନବସୃଜନ, ଅଖଣ୍ଡତା ଏବଂ ଅନ୍ତର୍ଭୁକ୍ତୀକରଣର ଆମର ମୂଳ ମୂଲ୍ୟବୋଧ ସହିତ ଠିଆ ହୋଇଛୁ। ଆଇଆଇଏମ୍ ସମ୍ବଲପୁରରେ ଲିଙ୍ଗଗତ ବିବିଧତାର ଧାରଣା ଆଗେଇ ଚାଲିଛି। ୨୦୧୭ ପୂର୍ବରୁ ଆଇଆଇଏମ୍ ଏମବିଏ ପାଠ୍ୟକ୍ରମରେ ଛାତ୍ରୀଙ୍କ ପ୍ରତିଶତ ୧୧ଧରୁ କମ୍ ଥିଲା। ୨୦୧୭ରେ ଆମେ ଏକ ନୀତି କାର୍ଯ୍ୟକାରୀ କରିବା ପାଇଁ ଏକ ସାହସିକ ନିଷ୍ପତ୍ତି ନେଇଥିଲୁ ଯେଉଁଥିରେ ସାକ୍ଷାତକାର ପାଇଁ ଡାକିବା ସମୟରେ ମହିଳା ପ୍ରାର୍ଥୀଙ୍କ ପାଇଁ ଅତିରିକ୍ତ ୫ପ୍ରତିଶତ କଟ ଅଫ ହ୍ରାସ କରାଯାଇଥିଲା ଏବଂ ପରେ ଏକ ସାଧାରଣ ମେଧା ତାଲିକା ପ୍ରସ୍ତୁତ କରାଯାଇଥିଲା। ଏହି ପଦକ୍ଷେପ ୨୦୧୭ ରୁ ୫୦ପ୍ରତିଶତ ମହିଳା ନାମଲେଖା ହାସଲ କରି ଇତିହାସ ସୃଷ୍ଟି କରିଛି ଯାହା କି ପରବର୍ତ୍ତୀ ସମୟରେ ସମସ୍ତ ଆଇଆଇଏମ୍ ଦ୍ୱାରା ଗ୍ରହଣ କରାଯାଇଛି।

### ପୁରୁଷଙ୍କ ତୁଳନାରେ ୩ ଗୁଣ ଅଧିକ ମହିଳା

